ମଥୁରା ବିଜୟ

ଗୀତିନାଟ୍ୟ

ନୂତନ ମୁଦ୍ରଣ

ପ୍ରକାଶକ -- ଧର୍ମଗ୍ରନ୍ଥ ଷ୍ଟୋର
ପ୍ରୋପ୍ରାଇଟର - ଶ୍ରୀ ବିଦ୍ୟାଧର ସାହୁ
ଅଲିଶା ବଜାର, କଟକ-୨

Source: SC Panda, Digitized by PPRACHIN, SOA

ମଥୁରା ବିଜୟ

ଗୀତିନାଟ୍ୟ

ଭକ୍ତକବ—ଶ୍ରୀ ଦୀନବନ୍ଧୁ ହୋତା

ପ୍ରକାଶକ—ଧର୍ମଗ୍ରନ୍ଥ ଷ୍ଟୋର

ପ୍ରାପ୍ତିସ୍ଥାନ
ଧର୍ମଗ୍ରନ୍ଥ ଷ୍ଟୋର
ପ୍ରୋପ୍ରାଇଟର—ଶ୍ରୀ ବଦ୍ୟାଧର ସାହୁ
ଅଲିଶା ବଜାର
ପୋ: ଅ: ଗୃଦ୍ଧମଚୌକ, କଟକ-୨

ମୂଲ୍ୟ—ଏକଟଙ୍କା।

Source: SC Panda, Digitized by PPRACHIN, SOA

ମଥୁରା ବିଜୟ

ଗୀତନାଟ୍ୟ

ସଖୀମାନଙ୍କର ଗୀତ

(ଶୁଣରେ ପ୍ରିୟ ସଙ୍ଗାତ—ବୃତ୍ତେ)

ସଖୀ—ଜୟ ଜୟ ଗଣନାଥ ଗଉରୀ ନନ୍ଦନ ହେ ।
ପୃଥୁଳ ଉଦର ତବ ମୂଷିକ ବାହାନ ହେ । ୧ ।
ଗଜମୁଖ ଏକଦନ୍ତ କପାଳେ ସିନ୍ଦୂର ହେ ।
ଯୋଗେଶ୍ୱର ପୁରୁଷ ତୁ କେ କରେ ଗୋଚର ହେ । ୨ ।
ସର୍ବ ଦେବ ଅଗ୍ରେ ନାଥ ହୁଏ ତୁମ୍ଭ ପୂଜା ହେ ।
ଗଙ୍ଗାଧର ପିତା ତବ ଜନନୀ ଗିରିଜା ହେ । ୩ ।
କର ଅନୁଗ୍ରହ ମୋତେ ପ୍ରଭୁ ଗଜାନନ ହେ ।
କୃଷ୍ଣଙ୍କ ମଥୁରା ବିଜେ କରିବା ଗାୟନ ହେ । ୪ ।
ଶୁଣ ଗୋ ପ୍ରିୟ ସଙ୍ଗାତ ମୋହର ବଚନ ଗୋ ।
ଗୋପ ଛାଡ଼ି କୃଷ୍ଣ ଯିବେ ମଥୁରା ଭୁବନ ଗୋ । ୫ ।
ଅକ୍ରୂରକୁ ପଠାଇଛି ଦୁଷ୍ଟ ରାଜା କଂସ ଗୋ ।
ଆମ୍ଭ ନିଶ୍ୱାସ ପଡ଼ି ତା ବଂଶ ହେଉ ନାଶ ଗୋ । ୬ ।
କୃଷ୍ଣ ପାଇଁ କଂସ କେତେ ଚର ପଠାଇଲା ଗୋ ।
ଅନୁଡ଼ଶାଳେ ପୁତନା କ୍ଷୀର ଦେଇ ମଲା ଗୋ । ୭ ।
ଯା ହେବାର ହେଉ ପଛେ କୃଷ୍ଣ ନ ଛାଡ଼ିବୁ ଗୋ ।
ଧନ ବୋଲେ ଅକ୍ରୂରକୁ ବାହୁଡ଼ାଇ ଦେବୁ ଗୋ । ୮ ।

(ସଖୀମାନଙ୍କ ପ୍ରସ୍ଥାନ)

Source: SC Panda, Digitized by PPRACHIN, SOA

(କଂସ, ଓ କଂସର ମନ୍ତ୍ରୀ ଓ ଚାଣୁର ମୁଷ୍ଟିକ ପ୍ରବେଶ)

କଂସର କଥା

କଂସ—କି ଶୋଭା ମୋ ମଥୁରା ନଗରୀ ।
ଶୋଭା ପାଏ ଇନ୍ଦ୍ର ବାରଣ୍ଟାତ ପୁର ଜିଣି ।
ଉଚ୍ଚ ଅଟ୍ଟାଳିକାମାନ ଗଗନ ପରଶି ।
ଝଟ ଝଟ ଦିଶେ ତହିଁ ସୁବର୍ଣ୍ଣ କଳସି ।
ଫର ଫର ଉଡୁଅଛି ବିଜୟ କେତନ ।
ଦିଗ୍‌ବିଜୟ କରି କେତେ ରାଜବର୍ଗେ ମୁହିଁ ।
ବାହୁବଳେ କଉଶଳେ କଲି ପରାଜୟ ।
ସ୍ୱର୍ଗ, ମର୍ତ୍ତ୍ୟ ପାତାଳ ସହିତେ ।
ବଳେ ଜିଣି ସୁରାସୁର ନାଗବଳ ଆଦି ।
ପାଦେ ଖଟାଇଲି ମୋର ଗନ୍ଧର୍ବ ମାନବ ।
ଏକା ହୋଇ କେହି ନାହିଁ ଅବନୀ ମଣ୍ଡଳେ ।
ଶୁଣ ଯାହା କହୁଛି ବୁଝାଇ ।

କଂସର ଗୀତ

(ଅର୍ଜ୍ଜୁନ ବୋଇଲେ ସ୍ତିରୀ ଜାତି ବଡ଼ ମନ୍ଦ—ବୃତ୍ତେ)

କଂସ—କେଡ଼େ ଶୋଭା ଦିଶୁଅଛି ମୋ ମଥୁରା ପୁର ।
ଦହୁଡ଼ି ଜାଲ ପତାକା ଉଡ଼େ ଫର ଫର ।
ମନ୍ତ୍ରୀବର ରେ । କି ଶୋଭା ମୋ ମଥୁରା ନଗର । ୧ ।
ସ୍ୱର୍ଣ୍ଣ ଘଟ ଜଳରେ ସେ ପୂରିତ ହୋଇଛି ।
ତାର ପାଶେ ରମ୍ଭାତରୁ କି ଶୋଭା ପାଉଛି ।
ଚୂତ ଡାଳରେ । ତଣ୍ଡୁଳ ଉପରେ ନାରିକେଳ । ୨ ।

Source: SC Panda, Digitized by PPRACHIN, SOA

କଳା ଧଳା ଓଟ ହସ୍ତୀ ଗୋଟି ମୋ ଅଛନ୍ତି ।
ତା ଗଣନା କରିବାକୁ କେ ଅଛୁ ଏ କ୍ଷିତି ।
ମନ୍ତ୍ରୀବର ରେ । କହନେ ତୁ ଦିଅ ଏ ଉତ୍ତର । ୩ ।
ଏତେ ସମ୍ପଦରେ ମୋର ପୁରିଅଛୁ ପୁରୀ ।
ଦେଖୁ ଦେଖୁ ହେଲେ ସେହି, ଗଉଡ଼େ ଭିକାରି ।
ଧାନ କହିରେ । ଗଉଡ଼ଙ୍କୁ ଖାତିର ମୋ ନାହିଁ । ୪ ।

କଂସ କଥା ମନ୍ତ୍ରୀ ।...କହ ମୋ ରାଜ୍ୟ ସମାଚାର ।

(ମନ୍ତ୍ରୀର କଥା ଓ ଦୁତର ପହଳୀ)

ମନ୍ତ୍ରୀ—କରେ ଦରୁଆନ୍ !

ଦୂତ—ମୋତେ ଡାକେ ଦରୁଆନ୍,
ଡାକ ଶୁଣି ଛୁଡ଼ଯାଏ ପ୍ରାଣ,
କୁଟୁମ୍ବ ଅର୍ଦ୍ଧଳ...(ନ ହୁଏ ସମ୍ଭାଳ)
ଚିନ୍ତା ହେଲା ବର୍ଦ୍ଧମାନ ।

ମନ୍ତ୍ରୀ—କରେ ଦ୍ୱାରୀ ?

ଦୂତ—ଦ୍ୱାରୀ ନାମ ଧରି (କେ ଡାକେ ଫୁକାରି)
ମୋର ଘରେ ଲଗିଥିଲା କାମ ।

ମନ୍ତ୍ରୀ—ଏ ଦୂତ ! ରାଜ ଘୋଷା ହେଉଛନ୍ତି, ଶୀଘ୍ର ଚାଲ ।

ଦୂତ—ହେ ସଭା ମଣ୍ଡଳୀ, ଦିଅ ହୁଳହୁଳି, ପଡୁ ହୁଳହୁଳି
ଧାନ କରଇ ଜଣାଣ ।

ଦୂତ—ଶ୍ରୀ ଶ୍ରୀ, ବୀରାଧି, ବରବର, ପ୍ରତାପୀ କଂସାସୁର ।
ମୋ ଗୁହାରି ଶୁଣିବାକୁ ହେଉ ହେ ।

କଂସ—ଦୁତ, ଯଦି କେହି ଆସେ ଅକସ୍ମାତେ ।
ନେଇ ମୋ ଆଦେଶ ତାକୁ ଆଣିବୁ ତ୍ୱରିତେ ।

Source: SC Panda, Digitized by PPRACHIN, SOA

ଦୂତ—ଯେ ଆଜ୍ଞା !

(ନାରଦ ଶିଷ୍ୟ ସହ ପ୍ରବେଶ ଓ ଦୂତର ଘହଳି)

ଦୂତ—ରଙ୍ଗିଆ ରଙ୍ଗିଆ ବାଇଚେରେ, ଏଠା ଥିଲ କାହିଁ ।
ଶିରେ ଶୁକ୍ଳ ଜଟା (ଗୁରୁ ନେବ ଛଟା)
ହସାରୁ ବାହାର ଏହିତରେ, ଏଠା ଥିଲ କାହିଁ । ୧ ।

(ନାରଦର ଶ୍ଳୋକ)

ନାରଦ—ନମସ୍ତେ ମୁରଲୀ ଧରଂ, ନମୋ ଯଶୋଦା ନନ୍ଦନଂ ।
କଳୀୟ ଦର୍ପ ଗଞ୍ଜନଂ ହେ, ଭକ୍ତର ଆର୍ତ୍ତିଭଞ୍ଜନଂ ।
ରାଧେଶ୍ୟାମ ରାଧେଶ୍ୟାମ ରାଧେଶ୍ୟାମ ।

(ଦୂତର ଘହଳି)

ଦୂତ—ଏହି ଯେ ବ୍ରହ୍ମାର ବେଟାଚେରେ, ମୁଣ୍ଡେ ବାନ୍ଧନ୍ତି ଜଟା ।
କଳ ମୁଣି ଧରି (ବୁଲି ତିନଯୁଗ)
ଲଗାଇ ଦିଏ କଳଠା । ୧ ।
ମୁଣ୍ଡେ ଜଟା ବାନ୍ଧି···(ରଙ୍ଗ ବସ୍ତ୍ର ପିନ୍ଧି)
ମୁଖେ ହରି ନାମ ରଟାରେ । ୨ ।
ବ୍ରହ୍ମାଙ୍କ କୁମର···(ପାଦରେ ଜୁହାର)
ଘନ ବୋଲେ ମୁଁ କଣ ଜନଠାରେ । ୩ ।

(ନାରଦ କଂସ ପାଶେ ପ୍ରବେଶ)

କଂସ—ପ୍ରଣାମ ଚରଣେ ତବ ଆହେ ମୁନିବର ।
ନାରଦ—ସର୍ବାଭୀଷ୍ଟ ଶାନ୍ତ ହେଉ ମଥୁରା ଈଶ୍ୱର ।

ନାରଦଙ୍କ ଗୀତ

(ଚଇତ ମାସଚେରେ ହୁଏ ବସନ୍ତ ବିହାର—ବୃତ୍ତେ)

ନାରଦ—ଶୁଣ ମଥୁରା ଈଶ୍ୱର ଏ ମୋହର ଗୀତ ।
ଯେ ତୋତେ ମାରିବ ସେହି ନନ୍ଦର ନନ୍ଦନ ।

Source: SC Panda, Digitized by PPRACHIN, SOA

ଚ୍ଛୁରେ । ନିଜ ଗଳେ ଫାସ ଲଗାଇଛୁ । ୧ ।
ପାଦେ ଦେବଗଣେ ଗୁହାରି କରିଲେ ।
ଅନ୍ତରା—ଅ କୃଷ୍ଣ ମଥୁରାରେ ଜନମ ଲଭିଲେ ।
ଘରରେ । ତୋ ଭଗିନୀ ଦେବକୀ ଉଦରେ । ୨ ।
ତବେଳେ ନାରାୟଣ, ହେଲେ ଅବତାର ।
ଳେ ବସୁଦେବ ନେଲ୍ ଗୋପପୁର ।
ପ୍ର ଥାଇରେ । ବିଜୁଳି ଆଣିଲ୍ ପାଲଟାଇ । ୩ ।
ଉପାୟ କରିଣ ରଖ ତୋହର ଜୀବନ ।
ନୋହିଲେ ନିଶ୍ଚୟ କୃଷ୍ଣ ଘେନିବ ତୋ ପ୍ରାଣ ।
ଯାନ ଘଷିରେ । ତୋତେ କାଳ ହେଲ୍ ନନ୍ଦ ବାଳି । ୪ ।

କଂସ ଓ ନାରଦ କଥା

କଂସ—କହ ଋଷି ମୋର କିସ କରିବ ସେ ହରି ।
ନାରଦ—ଶୁଣରେ ନୃଶଂସ ସେହି ବକାସ ବଇରୀ ।
କଂସ—ମୋର ଭୟେ ବନ୍ଦଶାଳୁ ଗଲ୍ ସେ ପଳାଇ ।
ନାରଦ—ତିନଦିନେ ପୁତନାର ପ୍ରାଣ ଅଛି ଖାଇ ।
କଂସ—ମୋହର ସେବକ ଦେବରାଜ ପୁରନ୍ଦର ।
ନାରଦ—ତା ପୂଜା ଭାଙ୍ଗିଲ୍ ଗୋପେ ଧଇଲ୍ ମନ୍ଦର ।
କଂସ—ଗୋପେ ପଠାଇ ମାରିବ ଛନ୍ତି ଯେତେ ବୀର ।
ନାରଦ—ଆରେ ଦୁଷ୍ଟ, ଅଷ୍ଟମଲ୍ଲ ମାଇଲାଣି ତୋର ।
କଂସ—କିଂକର୍ତ୍ତବ୍ୟ ବିମୂଢ଼ ମୁଁ ହୋଇଲି ହେ ଋଷି ।
ଉପାୟ ଦେଇଣ କର ମୋ ଦୁଃଖ ମୋଚନ ।
ନାରଦ—ମୋହର ବଚନ ଶୁଣ ପ୍ରତିପାଳ ଏବେ ।
ଧନୁଯାତ୍ରା ବୋଲି ଏକ ଉତ୍ସବ କରାଅ ।
ନାନା ଦେଶୁଁ ନରପତିମାନଙ୍କୁ ଡକାଅ ।

Source: SC Panda, Digitized by PPRACHIN, SOA

ରାମକୃଷ୍ଣ, ବେନଘାଇ ନମନ୍ତ୍ରୀ ଆଣିବୁ ।
କଟକେ, ବଳେ କଉଶଳେ, ପରାଣ ଛେଦନବୁ ॥

କଂସ—ଯଥାର୍ଥ କହୁଛ ଋଷି ।
ତବ ବାକ୍ୟ ଶିରଧାର୍ଯ୍ୟ ମୋର ।
ଧନୁଯାତ୍ରା ଉତ୍ସବ ମୁଁ କରିବ ନିଶ୍ଚୟ ।

ନାରଦ—ତେବେ ଆଶୀର୍ବାଦ ଦେଇ ମୁହିଁ ହୋଇଲି ମେଲାଣି ।

(ନାରଦଙ୍କ ପ୍ରସ୍ଥାନ)

କଂସ, ମନ୍ତ୍ରୀ, ଚାଣୁର ମୁଷ୍ଟିକର ଗୀତ

(ଆଦ୍ୟ ମାର୍ଗଶୀର ମାସେ ପ୍ରିୟ ଭୋଗ ନାହିଁ—ବୃତ୍ତେ)

ମନ୍ତ୍ରୀ—ମନରୁ ସନ୍ତାପ ତେଜ ଭୋଜ ବଂଶ ବୀର ।
ଗଉଡ଼ ଟୋକାଙ୍କୁ ତୁମ୍ଭେ କମ୍ପା ଏତେ ଡର ।
ଚିନ୍ତା ନାହିଁ ହେ । ଦୁଃଖିତ ନ ହୁଅ ନରସାଇଁ । ୧ ।

ଚାଣୁର—ଚାଣୁର କହଇ ପୁଣି କୋପଭର ହୋଇ ।
ଗୋପେ ଯାଇ କୃଷ୍ଣଙ୍କୁ ମୁଁ ପ୍ରାଣେ ମାରିବଇଁ ।
ପାଦେ ମୋର ହେ । ପଡ଼ ହେବ ଯଶୋଦା କୁମର । ୨ ।

ମୁଷ୍ଟିକ—ମୁଷ୍ଟିକ ବୋଲଇ ପ୍ରଭୁ ମୋତେ ଆଜ୍ଞା ଦିଅ ।
ଶତ୍ରୁକୁ ପ୍ରାଣେ ମାରିବି ସନ୍ତାପ ନ ପାଅ ।
ମୁଷ୍ଟିଘାତେ ହେ । ନିଶ୍ଚୟ ମାରିବି ନନ୍ଦ ସୁତେ । ୩ ।

କଂସ—ତା ଶୁଣି ଦୁର୍ମିଳା ସୁତ ହୋଇଲା ହରଷ ।
ବୋଲ ଅକ୍ରୂର ମନ୍ତ୍ରୀକି ଡାକ ମୋର ପାଶ ।
ଗୋପେ ଯିବ ରେ । ଘେନ ବୋଲେ କୃଷ୍ଣଙ୍କୁ ଆଣିବ । ୪ ।

Source: SC Panda, Digitized by PPRACHIN, SOA

ଅକ୍ରୂର ପ୍ରବେଶ ଓ ଗୀତ

(ଜୟ ଜୟ ଜଗନ୍ନାଥ—ବୃତ୍ତେ)

ଅକ୍ରୂର—ଅକ୍ରୂର ବୋଲଇ ତୁମ୍ଭେ ଶୁଣ ନରନାଥ··ନରନାଥ
କର୍ମ୍ମ ଯାଚଣ ଡକାଇ ମୁଁ ତୁମ୍ଭର ଭୃତ୍ୟ । ଫେଡ଼ି କହ
ମୋ ଠାରେ କହ ଅନୁଗ୍ରହ । ୧ ।
ତୁମ୍ଭର ଅନ୍ନ ଜଳରେ, ରହିଛି ଜୀବନ, ମୋ··ଜୀବନ ।
କି ଆଜ୍ଞା ଯାଚିବ ତାହା କହନ୍ତୁ ବଚନ । ଦୀନ କହି
ଜଣାଉଛି ଯୋଡ଼ି କର ଦୁଇ । ୨ ।

କଂସର ଗୀତ

(ଜଗତେ କେ, ନ ଜାଣେଇଁ ବୀର ଅର୍ଜ୍ଜୁନକୁ—ବୃତ୍ତେ)

କଂସ—କହଇ ଯେ କଂସାସୁର ଶୁଣରେ ଅକ୍ରୂର ।
ବିଳମ୍ବ ନ କର ତୁହି ଯାଅ ଗୋପପୁର ରେ ସେ ନନ୍ଦକୁ
ଯାଇ ଦେବୁ ଏ ମୋର ଲେଖାକୁ ରେ । ୧ ।
ଗୋପାଳମାନଙ୍କୁ କେବେ ନ ଡରିବୁ ତୁହି ।
ରାମ କୃଷ୍ଣଙ୍କୁ ବହନେ ଆଣିବୁ ତୁ ଯାଇରେ ନ ଡରିବୁ ।
ବହନେ ତୁ ମଥୁରା ଫେରିବୁ ରେ । ୨ ।
କହିବୁ ମଉଳା କଂସ ଧନୁଯାତ୍ରା କଲା ।
ଯାତ୍ରା ଦେଖି ଯିବେ ସବୁ, ତୋର ଦୁଇ ପିଲାରେ ବିଦାକହି,
ବେଗେ ଆଣ ରାମ କୃଷ୍ଣ ଦୁଇ ରେ । ୩ ।

ଅକ୍ରୂର ଓ କଂସର କଥା

ଅକ୍ରୂର—ଭୋଜବଂଶ ନାଥ ଆହେ ମଉଳ ମଣ୍ଡନ ।
ତବ ଆଜ୍ଞା ଘେନି ଗୋପେ ଯିବି ମୁଁ ନିଶ୍ଚୟ ।
ବିଦାୟ କରନ୍ତୁ ଦେବ ରଥ ଘେନି ଯିବି ।
ରାମ କୃଷ୍ଣ ବେନି ଭାଇ ନିଶ୍ଚୟ ଆଣିବି ।

Source: SC Panda, Digitized by PPRACHIN, SOA

କଂସ—ଯାଅ ମନ୍ତ୍ରୀ ଗୋପକୁ ବହନ ।
ଅତି ଶୀଘ୍ରେ ଆଣ ସେହି ନନ୍ଦର ନନ୍ଦନ ।
ଏ ମୋର ଶ୍ରୀହସ୍ତ ଲେଖା ନନ୍ଦ କରେ ଦେବୁ ।
କଳେ କଉଶଳେ ରାମ କୃଷ୍ଣଙ୍କୁ ଆଣିବୁ ।
ଅକ୍ରୂର—ପ୍ରଣାମ ଚରଣେ ତବ ହୋଇଲି ମେଲାଣି ।

(ସମସ୍ତେ ପ୍ରସ୍ଥାନ)

ଅକ୍ରୂର ପ୍ରବେଶ ଓ ଗୀତ

(ଯାଆରେ ଲକ୍ଷ୍ମଣ ଭୃଙ୍ଗ ବୃତ୍ତେ)

ଅକ୍ରୂର—ଅକ୍ରୂର ଭାବଇ ଆଜ ଗୋପପୁର ଯିବ ।
ରାମ କୃଷ୍ଣ ବେନି, ନୟନେ ଆଜ ଦେଖିବ । ୧ ।
କେଉଁ ଜନ୍ମେ ମନ୍ତ୍ର ଜପ ମୁହିଁ କରିଥିଲି ଜପ ।
କାଶୀବାସୀ ତୋଷି ଗଙ୍ଗା ଜଳେ ଝାସ ଦେଲି ଗଙ୍ଗା । ୨ ।
ଶ୍ରୀକୃଷ୍ଣ ପୟର ଦୁଇ, ଧରି ବେନିକର ମୁହିଁ ।
ପାଦତଳେ ଲୋଟୁଥିବି, କି ଭାଗ୍ୟ ମୋହର ଆଜ । ୩ ।
ଘଟାଇ ଅଛି ଦଇବ···କଂସ ମୋତେ ପଠାଇବ ।
ଧ୍ୟାନ ବୋଲେ ନନ୍ଦ ସୁତେ, ସତେ ଭେଟାଇବେ ଆଜ । ୪ ।

(ଅକ୍ରୂରର ପ୍ରସ୍ଥାନ)

ରାମ କୃଷ୍ଣ ସଖା ସହ ପ୍ରବେଶ
ସଖାମାନଙ୍କର ଗୀତ

(ଆସରେ ବଶିକେଶନ—ବୃତ୍ତେ)

ସଖା—ଆହେ କୃଷ୍ଣ ଆଜଦିନ ଉଚ୍ଛୁର ହେଲାଣି ।
କ୍ରମେ କ୍ରମେ ଦିନମଣି ଅସ୍ତ ଉଚ୍ଛଳେଣି । ୧ ।
କେତେବେଳେ ଗୋଷ୍ଠେ ଯାଇ କରିବା ଦୋହନ ।
ହମ୍ବା ରଡ଼ି ଦେଇ ଗାଈ ହେବେଣି ଉଚ୍ଛନ୍ନ ହେ । ୨ ।

Source: SC Panda, Digitized by PPRACHIN, SOA

ଉତ୍ତର ହେବାରୁ କାଲି ମାତା ଦେଲେ ଗାଳି ।
ଘେନ ବୋଲେ ଗୋଷ୍ଠେ ଯିବା ଆସ ବନମାଳୀ ହେ । ୩ ।

କୃଷ୍ଣ—ହେ ସଖା ସୁବଳ, ସୁଦାମ ।
ଚାଲ ତେବେ ଗୋଷ୍ଠକୁ ସତ୍ୱର ।
ଶିକା ଛନ୍ଦ ଧରି କରି କରେ । ଗୋ ଦହନ ସାରି ଗୃହେ
ଫେରିବା ସତ୍ୱର ।

ରାମ କୃଷ୍ଣ ଓ ଅକ୍ରୂରର ଗୀତ

(ମନେ ବିଚାରନ୍ତି ପ୍ରଭୁ ଯଦୁପତି—ବୃତ୍ତେ)

ଦୁଇଭାଇ—ଗାଈ ଦୁହୁଁଛନ୍ତି, ସଖା ସଙ୍ଗରେ ରାମ ହରି ବେନି ଭାଇ ।
ଅକ୍ରୂର—ଏକାଳେ ଗୋଷ୍ଠରେ ମିଳିଲା ଅକ୍ରୂର ମନେ ବିଚାର କରଇ ।
ଏ ଗୋଷ୍ଠରେ ଥିବେ ନିଶ୍ଚେ ବେନି ଭାଇ । ୧ ।
ଗୋଗୋଷ୍ଠ ନିକଟେ ପ୍ରବେଶ ହୋଇଲା ଭକତ ବୀର ଅକ୍ରୂର
ଦୁଇଭାଇ—ଅକ୍ରୂରର ମନ ବଢ଼ିବାକୁ ହରି ମାୟା କଲେ ମାୟାଧର
ସେ ସକଳେ । କୃଷ୍ଣ ସ୍ୱରୂପ ହୋଇଲେ । ୨ ।
ଅକ୍ରୂର—ତାହା ଦେଖିକରି ମନରେ ଭାବଇ କଂସ ରାଜାର ଡଗର
ସକଳେ ଦିଶନ୍ତି କୃଷ୍ଣଚନ୍ଦ୍ର ପରି, ଦେଖିନାହିଁ ନେତ୍ରେ ମୋର
ସେ ଅକ୍ରୂର । ମନେ କରଇ ବିଚାର । ୩ ।
ପୁଣି ମନେ ଭାବେ ମୋ ଆସିବା ଜାଣି ମାୟା କରିଛନ୍ତି ହରି
ବଢ଼ିବେ ମୋ ମନ ପ୍ରଭୁ ଜନାର୍ଦ୍ଦନ ଅଛନ୍ତି ତାହା ବିଚାରି ।
ସଫଳବଳ୍‌······ଘେନ ବୋଲେ ସ୍ତବ କଲା । ୪ ।

ଅକ୍ରୂରର ସ୍ତବ

(ଜୟ ଆରତଭଞ୍ଜନ—ବୃତ୍ତେ)

ଅକ୍ରୂର—ଜୟ ପ୍ରଭୁ ନାରାୟଣ ଭକତ ଜନ ଜୀବନ
ଗୋକୁଳ ବିହାରୀ ଜୟ ରାଧାରମଣ ।

Source: SC Panda, Digitized by PPRACHIN, SOA

ଅସୁର ବଧିବା ପାଇଁ ଗୋପେ କୃଷ୍ଣରୂପ ହୋଇ
ମୋ ପାଖରେ ମାୟା ନ କର ହେ ଚକ୍ରଧର ।
ବାରେ ଦେଖା ଦିଅ ଶ୍ରୀହରି
ଦୀନ ବୋଲେ ତୁମ୍ଭ ପାଦେ ମୋର ଗୁହାରି । ୧ ।

କୃଷ୍ଣଙ୍କ କଥା

କୃଷ୍ଣ—ହେ ସଖା ସୁବଳ ସୁଦାମ,
ଆଜି ବଡ଼ ସୌଭାଗ୍ୟ ଦିବସ···ଦେଖ
ମଥୁରାରୁ ଆମ୍ଭର ପ୍ରିୟ କକା ଅକ୍ରୂର ଆସିଛନ୍ତି ।
ଚାଲ, ତାଙ୍କୁ ଅଭ୍ୟର୍ଥନା କରି ଆଣିବା

ରାମ କୃଷ୍ଣଙ୍କର ଗୀତ

(ଆସରେ କୁମରମଣି—ବୃତ୍ତେ)

ଦୁଇଭାଇ—ରାମହରି ପଚାରନ୍ତି କହ ତୁ ଅକ୍ରୂର ରେ
ମଥୁରାରୁ କମ୍ପାଇ ଆସିଲୁ ଗୋପପୁର ରେ ; ୧ ।
ମୋହର ଦେବକୀ ମାତା ମୋତେ କି ଖୋଜନ୍ତି ରେ ।
ମୋତେ ନ ଦେଖି କି ପିତା ଅଧୀର ହୁଅନ୍ତି ରେ ।
ମାମୁଁ କଂସାସୁର କିସ କରନ୍ତି ବିଚାର ରେ
ବହନେ କହ ତୁ ମୋତେ ସର୍ବ ସମାଚାର ରେ । ୩ ।
ଗୋପ ପୁରେ ସୁଖେ ଦୁଃଖେ କଟାଉଛୁ କାଳରେ
ଦୀନବନ୍ଧୁ ବୋଲେ ଏହା ଥିଲା ମୋ କପାଳରେ । ୪ ।

ଅକ୍ରୂରର ଗୀତ

(ଆଦ୍ୟ ମାର୍ଗଶିର ମାସେ ସ୍ତ୍ରିକି ଶ୍ରୀ ହେଉ ନାହିଁ—ବୃତ୍ତେ)

ଅକ୍ରୂର—ରାମ କୃଷ୍ଣଙ୍କ ବଚନ ଶୁଣିଣ ଅକ୍ରୂର ।
ତ୍ରିଭୁବନ ବାର୍ତ୍ତା ତୁମ୍ଭଙ୍କୁ କି ଅଗୋଚର ।
ରାଜା କଂସ ହେ । କପଟ ପାଞ୍ଚୁଛି ପୀତବାସ ।

Source: SC Panda, Digitized by PPRACHIN, SOA

ବେନି ଭାଇଙ୍କି, ନେବାକୁ ମୋତେ ପଠାଇଛି ।
ତୋହର ମାମୁଁ ପଢ଼ ବାମୁଁ ସେ ହୋଉଛନ୍ତି ।
ରଙ୍ଗମଞ୍ଚ ହେ । ଦେଖିବାକୁ କରିଛି ସୁସଞ୍ଚ । ୨ ।
କୁବଳୟା ହସ୍ତୀରଙ୍ଗ ଦ୍ୱାରରେ ରଖିଛି ।
ତୁମ୍ଭଙ୍କୁ ମାରିବା ପାଇଁ ବିଚାର କରିଛି ।
ଦୀନ ବୋଲେ ହେ । ମୁଁ ତୋ କଣାଜନ ସଦାକାଳେ ।

ରାମ କୃଷ୍ଣଙ୍କ ଗୀତ

(ଜଗନ୍ନାଥ କହୁଛନ୍ତି ଶୁଣ ହଳପାଣି—ବୃତ୍ତେ)

ଦୁଇଭାଇ—ରାମହରି ଅକ୍ରୂରର କରକୁ ଧଇଲେ—ସେ ଧଇଲେ ।
ସ୍ନେହ ଭରେ ନେଇ ପଲ୍ୟଙ୍କରେ ବସାଇଲେ, କହୁଛନ୍ତି
ମଥୁରା ଯିବୁ କହିବୁ ପିତାଙ୍କୁ ଝଟତି । ୧ ।
ଛାଡ଼ିବ ନାହିଁ ବୋଇଲେ କହିବୁ ଅକ୍ରୂର, ତୁ ଅକୃତ
ତୋ ବେନି ପୁତ୍ରକୁ ବଳେ ନେବ ଗୋପପୁର କ କରିବୁ
ପୁତ୍ର ପାଇଁ ଝୁରି ମରୁଥିବୁ । ୨ ।

ଅକ୍ରୂର—କୃଷ୍ଣ ବାକ୍ୟରେ ଅକ୍ରୂର ନନ୍ଦଙ୍କୁ ଡାକିଲା ଡାକ ଦେଲା ।
ରାମ ହରିଙ୍କି ମଥୁରା ନେବି ମୁଁ ବୋଇଲା ।

ନନ୍ଦରାଜା—ନନ୍ଦ ଶୁଣି
ଅକ୍ରୂର ପାଶେ ପ୍ରବେଶ ଘନବନ୍ଧୁ ଭଣି । ୩ ।

ନନ୍ଦରାଜା—ହେ ଅକ୍ରୂର ସତେ ମୋ ରାମ ହରିଙ୍କୁ ରଥରେ
ବସାଇ ମଥୁରା ଘେନି ଯିବୁ ।

ଅକ୍ରୂର—ନିଶ୍ଚୟ ଘେନିଯିବି ।

ଅକ୍ରୂରର ଗୀତ

(ଧନୁର୍ଜ୍ଜୟୀ ଧନୁର୍ଜ୍ଜୟୀ—ବୃତ୍ତେ)

ଅକ୍ରୂର—ଛାଡ଼ିଦିଅ ନନ୍ଦ ରାମ ହରି··ତୋହର ।
ଧନୁଯାତ୍ରା ଦେଖି ଯିବେ ମଥୁରାପୁର । ଘୋଷା ।

Source: SC Panda, Digitized by PPRACHIN, SOA

ଲେଖା ଦେଇ କଂସାସୁର···ପଠାଇଛି ତୋ ପାଶରେ ।
ମୋ ରଥରେ ଯିବେ ତୋର···ବେନି କୁମର । ୧ ।
ଗୋପରେ ଯେତେ ଗୋପାଳ ଦଧି ଦୁଗ୍ଧ ଘେନି ଚଳ
ନୋହିଲେ ନଷ୍ଟହୁ କଂସ କାଟିବ ଶିର । ୨ ।
ତୋ ବେନି କୁମର ଦୁଇ ଯେବେ ନ ଛାଡ଼ିବୁ ତୁହି ।
ଯେବେ ତୁହି ନ ଛାଡ଼ିବୁ ତୋର ଏ ବେନି କୁମର
ବଳେ ଘେନିଯିବ ଘେନ କରେ ବଗରେ । ୩ ।

ନନ୍ଦରାଜାର ଗୀତ

(ହରିଶ୍ଚନ୍ଦ୍ର ପୁତ୍ର ଶୋକେ କରନ୍ତି ରୋଦନ—ବୃତ୍ତେ)

ନନ୍ଦରାଜା—ନନ୍ଦରାଜା ବୋଲନ୍ତି ଯେ ଅକ୍ରୂରକୁ ଚାହିଁ ।
କେବେ ଛାଡ଼ି ନ ପାରିବି ରାମ କୃଷ୍ଣ ଦୁଇ ।
ମନ୍ତ୍ରୀବର ରେ । ଫେରିଣ ତୁ ଚଳ ମଧୁପୁର । ୧ ।
କଂସ ମୋତେ ମାରୁ ପଛେ ମୁଖେ ଦେଇ ବିଷ ।
ଛାଡ଼ି ଦେଇ ନ ପାରିବି ରାମ ହୃଷୀକେଶ ।
ଯାଅ ଫେରି ରେ । ସବୁ ସମ୍ପଦ ମୋ ରାମହରି । ୨ ।
ସାତଶ ପଞ୍ଚାଶ ବର୍ଷ ବହିଗଲା ମୋର ।
ଗାଈ ଗୋଷ୍ଠରେ ପାଇଲି ପୁତ୍ର ହଳଧର ।
ରାଜା କଂସ ରେ । ଏବେ ମୋତେ କରିଲଣି ନାଶ । ୩ ।
ତହୁଁ କେତେ ଦିନ ଅନ୍ତେ କୃଷ୍ଣ ଜନମିଲା ।
ତା ମୁଖ ଦେଖି ମୋ ଦୁଃଖ ଦହନ ହୋଇଲା ।
ତୁ ଅକ୍ରୂର ରେ । କ୍ରୂର ସ୍ୱଭାବ ନ ଗଲା ତୋର । ୪ ।
ହେ ଅକ୍ରୂର ତବ ପାଦେ ପଶୁଛି ଶରଣ ।
ରାମ କୃଷ୍ଣ ଛାଡ଼ି ଦେଇ ଯାଅ ମଧୁବନ ।
ଘେନ କହି ରେ । ତୋ ନାମ ଘୋଷିବ ଏହି ମହୀରେ । ୫ ।

(ନନ୍ଦରାଜାର ପ୍ରସ୍ଥାନ)

Source: SC Panda, Digitized by PPRACHIN, SOA

ଯଶୋଦାର ଗୀତ

(ଦ୍ୱାଦଶ ବରଷ ବନବାସ ଶେଷ କରି—ବୃତ୍ତେ)

ଯଶୋଦା—ରାମ କୃଷ୍ଣ କର ଧରି ବୋଲେ ନନ୍ଦରାଣୀ, ନନ୍ଦରାଣୀ
ମୋର କରମକୁ ହେଲ ଅକ୍ରୂର ଉଦାସୀ କହ୍ନାଇ ରେ । ୧ ।
ଅକ୍ରୂର ନ ନିଅ ମୋର ଦୁଃଖିର ସଙ୍ଗାଳୀ ମୋ ସଙ୍ଗାଳୀ
କିଛି ନ ଜାଣନ୍ତି ମୋର ରାମ ବନମାଳୀ ଅକ୍ରୂର ରେ । ୨ ।
ସତେ ଯଦି କଂସ ରାଜା ତୋତେ ପଠାଇଛି, ପଠାଇଛି ।
ମୋତେ ମାରି ଘେନଯାଅ ରାମ ଶିରୀପତି ଅକ୍ରୂର ରେ । ୩ ।
ସତେ କି ରେ ରାମ ହରି ଯିବ ମଥୁରାକୁ, ମଥୁରାକୁ ।
ମାଆ ବୋଲି କଏ ଡାକ ଦେବ ଯଶୋଦାକୁ କହ୍ନାଇ ରେ
ଗାନ ବୋଲେ ମଥୁରା ନ ଯାଅ ବେନଭାଇ, ବେନଭାଇ ।
ଗୋପେ ଭିକ୍ଷା ମାଗି ତୋତେ ଖୁଆଇବି ମୁହିଁ କହ୍ନାଇ ରେ ।

ରାମ କୃଷ୍ଣଙ୍କ ଗୀତ

(କପାଳରେ କର ମାରି ବୋଲନ୍ତି ଶ୍ରୀରାମ—ବୃତ୍ତେ)

ଦୁଇଭାଇ—ରାମ କୃଷ୍ଣ ବୋଲୁଛନ୍ତି ଶୁଣ ଆଗୋ ମାତା ।
ଆମ୍ଭ ପାଇଁ ଚିତ୍ତରେ ତୁ ନ କରିବୁ ଚିନ୍ତା ସୁକଲ୍ୟାଣ ଗୋ ।
କରିଦିଅ ମେଲାଣି ବନ୍ଧନ । ୧ ।
ଧନୁଯାତ୍ରା ହେବ ମାମୁଁ ରଥ ପଠାଇଛି ।
ତେଣୁକରି ରଥ ଘେନି ଅକ୍ରୂର ଆସିଛି, ନାହିଁ ଦୋଷ ଗୋ
ଅକ୍ରୂରକୁ ନ କର ଝିଙ୍ଗାସ । ୨ ।
ବାଳ ଗୋପାଳ ସମସ୍ତେ ମଧୁପୁର ଯିବେ ।
ଦୁଧସର ଲବଣୀ ଯେ ଘରୁ ଘରୁ ନେବେ, ଶୁଣିବନେ ଗୋ
ଗାନ ବୋଲେ ଆସିବୁ ବହନେ ।

Source: SC Panda, Digitized by PPRACHIN, SOA

ଯଶୋଦାର ଗୀତ

(ଚକାଡୋଳା କମ୍ପା ଡକା—ବୃତ୍ତେ)

ଯଶୋଦା—କମ୍ପା ଯାଉ ମଧୁପୁର ମୋର ମୁରଲୀଧର, ଶ୍ୟାମସୁନ୍ଦର
ପ୍ରାତ କାଳରୁ ମାଆ ମାଆ ବୋଲି
କେ ଡାକିବ ଚିତ୍ତେ କର ବିଗ୍ଭର । ୨ ।
କ୍ଷଣେ ନ ଦେଖିଲେ ତୋ ଚନ୍ଦ୍ର ବଦନ
ଦଶ ଦିଗ ମୋତେ ଲାଗେ ଅନ୍ଧାର
ମଥୁରାକୁ ଯେବେ ଯିବୁ ବାପଧନ
ନିଶ୍ଚୟ ପରାଣ ଯିବ ମୋହର
ଆରେ ବାପ ରାମ ବିଧି ହେଲା ବାମ
କାହାକୁ କହିବ ଦୁଃଖ ମୋହର ।
କୃଷ୍ଣକୁ ତୋହର ସଙ୍ଗତେ ରଖିବୁ
ଛାଡ଼ି ନ ଦେବୁ ସେ ମଧୁ ନଗର ।
ଗ୍ଭର ଦିନେ ଫେରି ଆସିବରେ ଧନ
କଣ୍ଠେ ଗଳିଲେ ଭକ୍ଷିବି ଜହର ।
ଦୀନବନ୍ଧୁ ବୋଲେ ପାଇଲୁ ଅକ୍ରୂର
ରାମକୃଷ୍ଣ ବେନି ପୁତ୍ର ମୋହର ।

(ସମସ୍ତେ ପ୍ରସ୍ଥାନ)

ରାଧାର ଗୀତ

(ଅଶୋକ ବନେ ସୀତା କଲେ ରୋଦନ—ବୃତ୍ତେ)

ରାଧା—ଚିନ୍ତିତ ମନେ ରାଧା···ବିଗ୍ଭର କଲେ ।
କମ୍ପାଇ ଶ୍ୟାମବନ୍ଧୁ ଆଜ ନଇଲେ ଯେ ହେଲା ଉଚ୍ଛୁର
ତାଙ୍କ ବିହୁନେ ଚିତ୍ତ ହୁଏ ଅସ୍ଥିର ଯେ । ୧ ।

Source: SC Panda, Digitized by PPRACHIN, SOA

କେଉଁ ଗୋପୀକା ଆଜ…ରଖିଲା ନେଇ ।
ମୋ ପରି ଅଭାଗିନୀ ସଂସାରେ ନାହିଁ, ମୋ କରମ ହୀନ
ସ୍ତ୍ରିୀ କୁଳରେ କିମ୍ପା ହେଲା ଜନମ ମୋ । ୨ ।
କୃଷ୍ଣଙ୍କୁ ଅନୁସରି…ମୋ ଧନ ଗଲା ।
ଆଖିର ପାଣି ଆଖି କୋଣେ ମରିଲା ରେ କହ ଦୁଆରୀ
ଧନ ବୋଲଇ କେଉଣେ ରହିଲେ ହରି ରେ । ୩ ।

ଦୂତର ଚେହଲୀ

ଦୂତ—କିମ୍ପା କରୁଛ ଘରେଣୀ ଆଗୋ ରାମାମଣି ।
ରଥରେ ବସିଣ…(କାହ୍ନୁ ଶଙ୍କର୍ଷଣ)
ମଥୁରାକୁ ଯିବେ ପୁଣି । ୧ ।
ଅକ୍ରୂର ରଥରେ…(ଦେଖିଲି ଦାଣ୍ଡରେ)
ଧନ କରଇ ଦକ୍ଷିଣା । ୨ ।

ରାଧା ଓ ଦୂତର କଥା

ରାଧା—ଦୂତରେ, ତେବେ ତାଙ୍କ ପାଶକୁ ଚାଲ ଯିବାରେ ।
ଦୂତ—ତେବେ ଚାଲ ମା ।

(ସମସ୍ତେ ପ୍ରସ୍ଥାନ)

(କୃଷ୍ଣ ବଳରାମ ଅକ୍ରୂର ପ୍ରବେଶ)

(ରାଧା ଓ ଦୂତର ପ୍ରବେଶ)

ରାଧାର ଗୀତ

(ସଚେତକ ଦୂତ—ବୃନ୍ଦେ)

ରାଧା—ଶୁଣ ଅକ୍ରୂର ରେ, ଅକ୍ରୂର, ମୋହର ଗୀର ।
ରାମ ହରିଙ୍କୁ ତୁ, ନେଉ ଆମ୍ଭର, ଅକ୍ରୂର ।
ମଥୁରାପୁର ରେ । ୧ ।

Source: SC Panda, Digitized by PPRACHIN, SOA

କା ସଙ୍ଗେ କେଳିରେ କା ସଙ୍ଗେ କେଳି,
କରିବେ ଏନ୍ତୁ ଗୋପଗୁଆଳୀ···ଅକ୍ରୂର
ମରିବେ ଖେଳିରେ । ୨ ।
କୃଷ୍ଣ ନିମନ୍ତ ରେ···କୃଷ୍ଣ ନିମନ୍ତରେ
କେତେ ନିନ୍ଦା ମୋତେ ହେଲା ଜଗତେ ଅକ୍ରୂର
ତୁ କାହୁଁ ମିଳୁ ପରତେ, ଅକ୍ରୂରରେ । ୩ ।
କଳା କହ୍ନାଇ ହେ···କଳା କହ୍ନାଇ
ଧ୍ୟାନ କହଇ ହେ । ୪ ।

ଅକ୍ରୂରର ଗୀତ, ରାଧା ପ୍ରତି

(ଅର୍ଜୁନ ବୋଇଲା, ପୂର୍ବଦିଗ ଭାନୁ, ପଶ୍ଚିମେ ଉଇଁ ପାରିବ—ବୃତ୍ତେ)

ଅକ୍ରୂର—ଆଗୋ ଗୋପବାଳୀ କ୍ଷମା କର ଅଳି
ସୁଚିତ୍ତେ କର ମେଲଣି ।
ଧନୁଯାତ୍ରା ଦେଖି ଫେରଣ ଆସିବେ ।
ତୁମ୍ଭ ପ୍ରାଣ ମଣିମଣି, କର ମେଲଣି ।
ବେଳ ଉଚ୍ଛୁର ହେଲାଣି । ୧ ।
ମଥୁରା କଟକେ ଚକ୍ରବର୍ତ୍ତୀ ହୋଇ ।
ରହିଅଛି କଂସାସୁର ।
ସେ ଯେବେ ତୁମ୍ଭଙ୍କୁ କ୍ରୋଧଭର ହେବ ।
ଗୋପ ଛାରଖାର, ମନେ ବିଚାର ।
ଆନନ୍ଦେ ମେଲଣି କର ।
ସତ୍ୟ ମୋର ଏହି···ମୋର ଦୋଷ ନାହିଁ ।
କଂସର ଆଦେଶ ବହି ।
ଯାତ୍ରା ଦେଖିବାକୁ···ରଥରେ ନେଉଛି ।
ପ୍ରାଣ ହରି ବେନି ଭାଇ, ଧ୍ୟାନ କହଇ ବାଟ ଛାଡ଼ିଦିଅ ରାଇ ।୩।

Source: SC Panda, Digitized by PPRACHIN, SOA

ରାଧା କୃଷ୍ଣଙ୍କର ଚଢ଼ା ଉତ୍ତର ଗୀତ

ରାଧା—ରାଧା ବୋଲନ୍ତି ଅକ୍ରୂର, ଶୁଣ ମୋ ବଚନରେ ।
କୃଷ୍ଣଙ୍କୁ ନ ଛାଡ଼ ଦେବ, ମଥୁରା ଭୁବନରେ, ରଥ ନେଇ ।
ଫେର ଯା ଅକ୍ରୂର ଏକା ତୁହିରେ । ୧ ।
କୃଷ୍ଣ—ଶୁଣ ଆଗୋ ମାଇଁ, ମମଥୁରାକୁ ମୁହିଁ ଯାଉଛି ଅକ୍ରୂର ସଙ୍ଗେ ।
ନ କର ସନ୍ତାପ, ମନୁ ତେଜ କୋପ, ଥାଅ ଗୋପୀଗଣ ସଙ୍ଗେ
ରାଧିକା ଗୋ···ମନେ ତୁ ନ କର ଶଙ୍କା । ୨ ।
ରାଧା—କୃଷ୍ଣଙ୍କ ବଚନ ଶୁଣି, ରାଧିକା କହଇ ଯେ ସେ କହଇ
ଅନୁଢ଼ ଶାଳରେ ତୋର କାଟିଥିଲୁ ଲହିରେ, କଳା କାହ୍ନୁ ।
ପୂର୍ବ କଥା ପାଶୋରିଲୁ ମନୁରେ । ୩ ।
କୃଷ୍ଣ—ଶ୍ରୀକୃଷ୍ଣ ବୋଲନ୍ତ, ଶୁଣ ପ୍ରିୟସହି, ଯା କହିଲ ତାହା ସତ ।
ପୂର୍ବ କଥା ମୋର ମନରେ ପଡ଼ିଲେ ଦହି ହେଉଥାଏ ଚିତ୍ତ ।
କଶୋଷି ଗୋ···ବହନେ ଆସିବି ଫେର । ୪ ।

ଦୂତର ପହଲି

ଦୂତ—ତେଙ୍ଗାଇ ପାନ ବରଜରେ, ମୁଖେ ନ ମାଡ଼େ ଲଜ । '
ମାଇଁ ଭଣ୍ଡାର (ଗୁପତ ରହସ୍ୟ)
ଜଣା ପଡ଼ିଗଲା ଆଜରେ । ୫ ।
ଯେତେ ବୁଝାଇବ (ନ ମାନେ ମାଧବ)
ମଥୁରାକୁ ଯିବେ ଆଜରେ । ୬ ।

ରାଧାର ଗୀତ

(ପଥ ଛାଡ଼ ଦେ ମୁଁ ଯିବି ଫୁଲ ତୋଳି—ବୃତ୍ତେ)

ରାଧା—କେବେ ପଥ ନ ଛାଡ଼ିବି, ସତ୍ୟ ମୋର ରେ, ବଂଶୀଧର
ତୋ ପାଇଁ ଜଗତେ···ନିନ୍ଦା ହେଲି ମୋତେ ।

Source: SC Panda, Digitized by PPRACHIN, SOA

ସେ କଥା କି ନାହିଁ ତୋ ମନର ରେ ବଂଶୀଧର
କେଉଁ ମନ୍ତ୍ରଶିକ୍ଷା କଲୁ ତୁହି, ବଂଶୀ ସ୍ୱନେ ଆମେ ହେଲୁ ବାଇ
ପତି ପୁତ୍ର ଘର ସବୁ କଲୁ ଦୂର
ନିନ୍ଦା ମାତ୍ର ହେଲୁ ଜଗତର ରେ ବଂଶୀଧର ।
ଧିକ ଧିକ ଅଟେ ତୋ ବଚନ, ନିର୍ଦ୍ଦୟ ଅଟଇ ତୋ ଜୀବନ
ସ୍ତ୍ରିରୀ ହତ୍ୟା ଦୋଷ ନିଶ୍ଚୟ ଲାଗିବ
ମନା ହେଉ ନ ଯା ମଧୁପୁର ରେ ବଂଶୀଧର । ୮ ।

କୃଷ୍ଣଙ୍କ ଗୀତ

(ଶଶୀ ମୁଖରେ, ପ୍ରିୟ ସଖିରେ—ବୃତ୍ତେ)

କୃଷ୍ଣ—ପ୍ରିୟ ସହି ଗୋ, ଶୁଦ୍ଧ ମୁହିଁ ଗୋ ନ କହ ତୁ ହିଂସାସ ବଚନ
ଷୋଳ ସସ୍ର ଗୋପୀ ମଧ୍ୟେ ତୁ ମୋର ଜୀବ ଜୀବନ । ଘୋଷା ।
ଅକ୍ରୂରକୁ ପଠାଇଛି ମଥୁରା ରାଜନ ।
ନ ଗଲେ କୋପ କରିବେ ବିଚାର କର ତୋ ମନ । ୯ ।
କର ଧରି କହୁଅଛି ନ ହୁଅ ବିମନ ।
ଗୃହ ବନରେ ଫେରିବି ଏ ମୋର ସତ୍ୟ ବଚନ । ୧୦ ।
ରାଧା—କୁଞ୍ଜବନ ବୃନ୍ଦାବନ କଥା ପାଶୋରିଲୁ ରେ, ପାଶୋରିଲୁ
କେଉଁ ଭାବରେ ଆମ୍ଭର ମନକୁ ମୋହିଲୁରେ ଏତେବେଳେ
ଛାଡ଼ିଣ ଯାଉ ତୁ ମାମୁଁ ଆଳେ ରେ । ୧୧ ।
କୃଷ୍ଣ—ଧନୁଯାତ୍ରା କରି ମାମୁଁ କଂସାସୁର ପଠାଇଛି ବନ୍ଧିବାର
ଗୃହବନେ ନିଶ୍ଚେ ଫେରିଣ ଆସିବ ନିର୍ବାର ସତ୍ୟ ମୋହର
ଶଶୀମୁଖି ଗୋ, ଅକାରଣେ ନୁହିଁ ଦୁଃଖି । ୧୨ ।
ରାଧା—ଗୃହ ବନ କଣ୍ଟ ତୋର ଗଢ଼ିଲେ କହ୍ନାଇ ରେ, କହ୍ନାଇ ।
ଜହର ଖାଇଣ ନିଶ୍ଚେ ମରିବଇଁ ମୁହିଁ ରେ ପୀତବାସ ।
ହେବ ତୋତେ ସ୍ତ୍ରିରୀ ହତ୍ୟା ଦୋଷ ରେ । ୧୩ ।

Source: SC Panda, Digitized by PPRACHIN, SOA

କୃଷ୍ଣଙ୍କ ଗୀତ

(ଆରେ ସଖି—ବୃତ୍ତେ)

କୃଷ୍ଣ—ଆଲୋ ଗୋପି, କମ୍ପା ଦେଖାଉ ମୋତେ ଗୃହୁଣି ।
ରହ ଯା କରମକୁ ଆଦରି, ଆଲୋ ଗୋପି (ଯା)
ଅକ୍ରୂର ସଙ୍ଗେ ଯିବି ଧନୁ ଯାତ୍ରା ଦେଖିବି
ପୁଣି ବନରେ ଆସିବି ଫେରି । ୧୪ ।
ଫେରି ଯାଅ ଭୁବନେ, ରହ ଆନନ୍ଦ ମନେ
ତୋତେ ମୁଁ ନ ପାରିବି ପାଶୋରି । ୧୫ ।

ରାଧାର ଗୀତ

(ଅର୍ଜୁନର ବାଣୀ ସତ୍ୟଭାମା ଶୁଣି—ବୃତ୍ତେ)

ରାଧା—ବେନିକର ଯୋଡ଼ି ରାଧିକା ସୁନ୍ଦରୀ
ବୋଲନ୍ତି ନନ୍ଦ କହ୍ନାଇ
ଯେତେ ପରକାରେ ବୁଝାଇ କହିଲେ
ମୋ ମନ ବୁଝଇ ନାହିଁ, ହେ ମାଧୋଇ ।
ତୁମ୍ଭଙ୍କୁ ଛାଡ଼ିବି ନାହିଁ । ୧୬ ।
ପୂର୍ବ କଥାମାନ ପାଶୋରି ଦେଇଣ
କମ୍ପା ଦିଅ ଏ କଷଣ ।
ତୁମ୍ଭର ବିହୁନେ ଏ ମୋର ପରାଣ
ନଷ୍ଟ ହୋଇ ତେଜିବ ଜାଣ, ହେ ମୋହନ
ନ ଯାଅ ମଧୁଭୁବନ । ୧୭ ।

ଦୂତର ପହଲି

ଦୂତ—ମୁଖେ ତୋର ଲାଜ ନାହିଁ ଆଗୋ ବୃନ୍ଦମୁହିଁ
ସେ ମୂରଲିଧର (ଉଣଜା ତୋହର) କା କର ଧରିବୁ ତୁହି ।୧୮

Source: SC Panda, Digitized by PPRACHIN, SOA

ମୁଖେ ଲାଜ ନାହିଁ, ଆସିଅଛୁ ଧାଇଁ, ଲାଜ ନ ମାଡ଼ଇ
ଅଜ୍ଞାନ ଘେନ କହଇ, ଆଗୋ । ୧୯ ।

ରାଧା, ଦୂତ ଓ କୃଷ୍ଣଙ୍କର ଗୀତ

ରାଧା—ଯାରେ ଶଙ୍କରୁ ମୋ ପାଇଁ କୃଷ୍ଣଙ୍କୁ ମନାଇ ଦେବୁ ।

ଦୂତ—ତେବେ ଯାଉଛୁ ।

ଦୂତ—ମଣିମା, ରାଧା ମାଇଁ ଆପଣଙ୍କୁ ବିଲ୍‌କୁଲ ଛାଡ଼ିଦେବେ ନାହିଁ ।

କୃଷ୍ଣ—କିବେ ଶଙ୍କରୁ, ତେବେ କ'ଣ ଉପାୟ ଅଛୁ ।

ଦୂତ—ଉପାୟ ଅଛୁ । ହେଲେ ଆପଣଙ୍କୁ ଗୋଟିଏ ଶ୍ରେଷ୍ଠ କବାର୍
କରିବାକୁ ପଡ଼ିବ ।

କୃଷ୍ଣ—କଣ ରେ ?

ଦୂତ—ଆପଣ ହାତ ଯୋଡ଼ି ରାଧା ମାଇଁଙ୍କୁ ପଦେ କହିଲେ ଯେ
ନିଶ୍ଚୟ ଫେରିଯିବେ ।

କୃଷ୍ଣ—କ'ଣ ବେ ଏଠା କ'ଣ ଶ୍ରେଷ୍ଠ କବାର୍ ।

ଦୂତ—ଆଉ କ'ଣ ଆପଣଙ୍କୁ ପାଠି କୁହା ପଡ଼ୁଛୁ ।

କୃଷ୍ଣ—ମୁଁ ହାତ ଯୋଡ଼ି କହିଲେ ଫେରି ଯିବେ ତ ?

ଦୂତ—ନିଶ୍ଚୟ ଫେରି ଯିବେ ।

କୃଷ୍ଣଙ୍କର ଗୀତ

କୃଷ୍ଣ—ଶ୍ରୀକୃଷ୍ଣ ବୋଲନ୍ତି ଆଗୋ ଘେନ ପ୍ରିୟ ସହି ମୋହର ବଚନ
ମଥୁରାକୁ ଧନୁ ଯାତ୍ରା ଦେଖି ସାରି ଫେରି ଆସିବି ଝଟତି
ଫେରି ଯାଅ ଗୋ, ଘେନ ବୋଲ ଗୋପେ ଥାଅ ଗୋ । ୦ ।

Source: SC Panda, Digitized by PPRACHIN, SOA

ବଳରାମଙ୍କର ଗୀତ

(ଆସରେ ଅର୍ଜୁନ ମୋର—ବୃତ୍ତେ)

ବଳରାମ—ବାୟା ହେଲୁ କହ୍ନାଇ ତୁ ବାଇଆ ହୋଇଲୁରେ ।
ସ୍ତିରୀ ମାୟାରେ ପଡ଼ିଣ ଜ୍ଞାନ ହରାଇଲୁ ରେ । ୧ ।
ବେନି ଭାଇଙ୍କୁ ନେବାକୁ ଆସିଛି ଅକ୍ରୂର
ନ ଗଲେ କୋପ କରିବେ ମାମୁଁ କଂସାସୁରରେ । ୨ ।
ମୋ ପାଶକୁ ଅବଳମ୍ବେ ଆସରେ ବହନ
ଧନବନ୍ଧୁ ବୋଲେ ଯିବା ମଥୁରା ଭୁବନରେ । ୩ ।
(ରାମକୃଷ୍ଣ ଅକ୍ରୂରର ପ୍ରସ୍ଥାନ)

ରାଧାର ଗୀତ (କୋକଳରେ—ବୃତ୍ତେ)

ରାଧା—କୋଇଲି ରେ, କୁହୁ କୁହୁ ରାବୁ କମ୍ପାଇଁ ।
ଏତେବେଳେ କଳା କାହ୍ନୁ ମୋହର ପାଶରେ ନାହିଁ । ୧ ।
ଅକ୍ରୂର ରଥରେ, (ଗଲେ ମଧୁପୁରେ)
ତାଙ୍କ ବିହନେ ଜଗତ ମୋତେ ଅନ୍ଧାର ଦିଶଇ । ୨ ।
କେତେ ଥିଲି ଆଶା (ଭାଙ୍ଗିଲା ଭରସା)
ଏକା ସେ ଅକ୍ରୂର ଲାଗି ଜଳରେ ଝାସ ଦେବଇଁ । ୩ ।
ମୁଁ ଦୁଃଖୀ ଅଭାଗିନୀ (ତେଜିଲେ ବେଣୁପାଣି)
ଗୋପରୁ ଶିରୀ ଗୁଡ଼ିଲା ଅନ୍ତର ହେଲେ ମାଧୋଇ । ୪ ।
କି କରିବ ଦୁଆରୀ (କହ ଶତ୍ରେ ବଶ୍ଚର)
ଧନ ବୋଲେ କି କଲେ ମୁଁ ଭେଟିବି ନନ୍ଦ କହ୍ନାଇ । ୫ ।

ଦୂତର ପହଲୀ

ଦୂତ—ଏ ମା ନାଇଁ କାନ୍ଦ ଗୋ ନୁଟିଲେ ଆଉ ପାଏବ କାହିଁ
ଗଲେ ଗଲା ନନ୍ଦର ବେଟା ତା ପରି କେ ଜଗତେ ନାଇଁ ।
ଗାଏ ଚରାଇ ବନ୍‌କେ ଗଲା (ତୁମର ଶାଢ଼ୀ ଚୁରେଇ ନେଲା)
କଦମ ଗଛେ ନେଇ ବାନ୍ଧିଲା ସେ କଥା କାଏଁ ମନେ ନାଇଁ ।

Source: SC Panda, Digitized by PPRACHIN, SOA

ଦିନେ ଗଲା ଉଙ୍ଗା ଘାଟ, (ତୁମକୁ ନାହିଁ ଛୁଡ଼ଲା ବାଟ)
ଦହି ଖିସା ସବୁ ଖାଏଲ, ନଦୀ ପାର କରିବାପାଇଁ ।
କେତେ କହେମି ଗୁନ ତାହାର (ସବୁ କଥା ତାର ଗାଁ ବାହାର)
ଦିନ ବୋଲେ ସଂସାର ଦେଖ) ପରର ଲଗି କାନ୍ଦ ନାଇଁ)

ରାଧାର ଗୀତ

(ପାର୍ଥନା ଭଗାଶ ହେଲ—ବୃତ୍ତେ)

ରାଧା— ଅକ୍ରୂର ଭଗାଶ ହେଲାରେ ଦୂତ
କରମରେ ଏହା ଥିଲା
ଗୃତକ ପରାଏ ଯାକୁ ଆଶା କଲ
ସେ ମୋତେ ଅନ୍ତର କଲା ରେ ଦୂତ । ଘୋଷା ।
କୃଷ୍ଣ ବିନେ ମୋତେ ଏ ଗୋପନଗରୀ
ଅନ୍ଧାର ପ୍ରାଏେ ଲଗିଲାରେ ଦୂତ ।୧।
ତାଙ୍କ ବିନେ ମୁହିଁ ଭକ୍ଷିବ ଜହର
ଏ ମୋର ସତ୍ୟ ହୋଇଲାରେ ଦୂତ । ୨ ।
ଦୁଷ୍ଟ କଂସାସୁର ପଠାଇଲା ଗୃର
ଅକ୍ରୂର ଗୋପେ ଆସିଲା ରେ ଦୂତ । ୩ ।
ଯେତେ ଥିଲା ଆଶା ଭାଙ୍ଗିଲା ଭରସା
ଗୋପରୁ ଶିରୀ ଛାଡ଼ିଲାରେ ଦୂତ । ୪ ।
କୃଷ୍ଣ ଗୁଣାବଳୀ ମନରେ ହେଜଲେ
ହୃଦୟ କରଣ ହେଲରେ ଦୂତ । ୫ ।
ଭଣେ ଘାନ ଧ୍ୟାନ ଶ୍ରୀକୃଷ୍ଣ ଚରଣ
ଘାଳ ଘାଳ ଦିନ ଗଲାରେ ଦୂତ । ୬ ।

ଦୂତର ପହଲି

କେତେ ତୁମ୍ଭେ କାନ୍ଦୁଥିବ ଦୁଃଖେ ଦିନ ଯିବ ।
ଦିବସ ରଜନୀ (କାନ୍ଦୁଥିଲେ ପୁଣି)

Source: SC Panda, Digitized by PPRACHIN, SOA

କୃଷ୍ଣ କି ଫେର ଆସିବ । ୧ ।
ମାନ ମୋ ବଚନ ନ କର ରୋଦନ
ଗଲାଣି ପୂର୍ବର ଭାବ । ୨ । (ସମସ୍ତେ ପ୍ରସ୍ଥାନ)
(ଶବର ଶବରେନ ପ୍ରବେଶ)

ଶବର—ମହକଇ କିଆ ଫୁଲ ଜାମୁଡାଳି ମହକଇ କିଆ ଫୁଲ
ଝାଙ୍କ ଝାଙ୍କ ତୋତେ ହେଲି ଉଛୁର କି
ଶବରୀ ରେ, ନବନାଗରୀରେ
କମ୍ପା ନ ଆସିଲୁ ଘର, ଜାମୁଡାଳିରେ ।
ଶବରୀ—କସି ବାଉଁଶର ଧନୁ ଜାମୁଡାଳି କସି ବାଉଁଶର ଧନୁ
ଯାତ୍ରା ଦେଖିବାକୁ ହୋଇଲି ମନ କି ଶବରରେ
ନବ ନାଗରରେ
କମ୍ପା ହେଉ ଛନ୍ନ ଛନ୍ନ ଜାମୁଡାଳିରେ ।
ଶବର—ଦେମି ବିଧା ହେବୁ ସିଧା ଘୁଷୁରି ପେଟୀ
ନାଇ ରଖେନ ଯାରେ ନଟୀ
ଗୀତ—ଶଢ଼କେ ଗଲି ମଟର ଜାମୁଡାଳି ଶଢ଼କେ ଗଲି ମଟର
ଯାଆ ଯା ବାହାର ଫେର ତୋ ବାପ ଘର କି
ଶବରୀରେ, ନବ ନାଗରୀରେ
ଇଚ୍ଛା କର ଯାଇ କର ଜାମୁଡାଳିରେ ।
ଶବରୀ କଥା—କେଉଁଆଡ଼ୁ ଝୁଡ଼ା ଛୁଟା ବଙ୍କଟା କେତେ କରୁଛୁ
ଝାନରେ । କଲିଆ ଗଲେ ଗୁରିଆ ଅଛେ ତୋର ଠାନେ
ନାହିଁ. ନ ମନରେ ।
ଗୀତ—ମଲିଫୁଲ ଗୁଠା ଗୁଠା ଜାମୁଡାଳି ମଲିଫୁଲ ଗୁଠା ଗୁଠା
ଗୁଡ଼ପତ୍ର ଦେଲେ ଲୁଟେଲି କଥା କି
ଶବରରେ, ନବନାଗରରେ
ତୋର ତେବର ଗୁଡ଼ଟା ଛୁଟା ଜାମୁଡାଳିରେ ।

Source: SC Panda, Digitized by PPRACHIN, SOA

ଶବର କଥା—ବାଢ଼ ଛିଣ୍ଣ ଛଉଆଣ୍ଡି ବୁଢ଼ୀ ବାଟୈଁନ ।

ଗୀତ—ଉପରେ ଜାହାଜ ଗଲା ଜାମୁଡାଳି, ଉପରେ ଜାହାଜ ଗଲା
ଏତେ କଥା ତୋତେ କେ ଶିଖାଇଲା କି ଶବରୀରେ
ନବନାଗରୀରେ
ତୋର ଆଖିରେ ପଡ଼ୁଛି ଫୁଲ ଜାମୁଡାଳିରେ ।

ଶବରୀ କଥା—ଖାଏ ଭୂଷକା ଗୁହାଲ ଧୂମା ଅଏଁ ଠାଖିଆ ଭୁଇରେ
କେତେ ବ୍ୟବସ୍ଥା କରୁଛୁ ମତେ ନାଇଁ ଖାଏଲା ରଇରେ

ଗୀତ—ନଦୀ ପାନ ପହଁରିଲ ଜାମୁଡାଳ ନଦୀ ପାନ ପହଁରିଲ
ଏତେ କଥା ମୁହିଁ ଜାନ ନ ଥିଲି କି ଶବରରେ
ନବନାଗରରେ
ଘୁଡ଼ା ମୁହିଁ ଭୁହ ବଲି ଜାମୁଡାଳିରେ ।

ଶବର କଥା—ଟେଣ୍ଡ଼ ଆଖି, କେର ପୀଗୁଡ଼, ଭୂଷି ମୂଣ୍ଡ଼ୀ

ଗୀତ—ସଭାରେ ମହତ ଗଲା ଜାମୁଡାଳି ସଭାରେ ମହତ ଗଲା
କେତେ ଗଲା ହେମା ବେଲ ବୁଢ଼ିଲା କି ଶବରୀରେ
ନବନାଗରୀରେ
ପଟିଗଲେ ସବୁ ହେଲା ଜାମୁଡାଳିରେ ।

ଦୁଇଜଣ—ଖୁଲରେ ଉଡ଼ିଲା ଧୂଳି ଜାମୁଡାଳି ଖୁଲରେ ଉଡ଼ିଲା ଧୂଳି
ଶବର ଶବରେନ୍ ପଟିଲା କଲି କି ମାଆମାନେ
ଧାନ ବୋଲେ ଦଅ ହୁଳହୁଳି ଜାମୁଡାଳିରେ ।

(ଦୁଇଜଣ ପ୍ରସ୍ଥାନ)

Source: SC Panda, Digitized by PPRACHIN, SOA

ରାମକୃଷ୍ଣ ଅକ୍ରୂର ପ୍ରବେଶ
ଗୋପୀମାନେ ପ୍ରବେଶ ହୋଇ
(ଗୀତ) ଧନୁର୍ଜ୍ଜୟୀ ଫାଲ୍‌ଗୁନୀ—ବୃତ୍ତେ

ଗୋପୀ—ଏଥୁଅନ୍ତେ ଗୋପୀଗଣ ଅକ୍ରୂରଙ୍କୁ ଗୃହିଁରେ ଆହା ଗୃହିଁ
କାହିଁ ଘେନି ଯାଉ ରାମ ହରି ବେନିଭାଇରେ, ତୁ ଅକ୍ରୂର
କ୍ରୂର ସ୍ୱଭାବ ନ ଗଲା ତୋର ରେ । ୧ ।
ଇନ୍ଦ୍ର କୋପ କଲେ ଗୋପ କେ ରକ୍ଷା କରିବରେ କେ ରଖିବ
ବାମରେ ମନ୍ଦର ଧରି କିଏ ବଞ୍ଚାଇବ, ହେ ବଂଶୀଧର
କି ଭାବିଣ ଯାଉ ମଧୁପୁର ହେ । ୨ ।
ମୁରଲୀ ବଜାଇ ଆମ୍ଭ ମନ କେ ମୋହିବ ହେ କେ ମୋହିବ
ବଂଶୀର ଗୀତ ଗାଇ କେ ବତ୍ସ ଚରାଇବ, ହେ ଚକ୍ରପାଣି
ଏତେ ଦୁଃଖ କମ୍ପା ଦେଉ ଆଣି ରେ । ୩ ।
କିଏ ଆଉ ଯମୁନାରେ ନାବିକ ହୋଇବ ରେ କେ ହୋଇବ
ଦଧି ବିକି ଗଲାବେଳେ ପାରକରି ନେବ ହେ, ଦୀନ କହି
ଫେରି ଯା ଅକ୍ରୂର ଏକା ତୁହି ରେ । ୪ ।

ରାମକୃଷ୍ଣଙ୍କର ଗୀତ

(ନାଟପା ମନ୍ଦିରେ ଯାଇ କର ଅର୍ଜ୍ଜୁନର—ବୃତ୍ତେ)

ଦୁଇଭାଇ—ବ୍ରଜ କାମିନୀରେ ଥାଅ ଏ ଗୋପପୁର
ଯାଏ। ଛଡ଼ିଲେ ଯାଉଛୁ ମୁଁ ମଧୁନବର । ଘୋଷା ।
ତୁମ୍ଭ ସଙ୍ଗେ ଯେତେ ଭାବ ମନେ ପାଶୋରି ନ ଯିବ
ତୁମ୍ଭଙ୍କୁ ପାଇଛୁ ସେବ ହରି ପୟୁର ।୧।
ଘଡ଼ି ଘଡ଼ି ତୁମ୍ଭ ଭାବ ମୋହର ମନେ ପଡ଼ିବ
କେହ୍ନେ ରହି ପାରିବ ମୁଁ ମଧୁନବର ।୨।
ପିତା ମାତାଙ୍କୁ ମୋହର ବୁଝାଇ କହିବ ଗୀର
ବୁଝାଇ କହିବ ତାଙ୍କୁ ନ କରି ପର ।୩।

Source: SC Panda, Digitized by PPRACHIN, SOA

ମୋ ପାଇଁ ଚିନ୍ତା କରିବେ ନାହିଁ ମନର । ୩ ।
ପୂର୍ବର ପୀରତି ଭାବ ମନୁ ପାଶୋର ନ ଦେବ
ଘାନ କହଇ ମେଲାଣି କର ସତ୍ୱର । ୪ ।

ଗୋପୀମାନଙ୍କର ଝରନ ମ.ଧୁରୀ

ମଲ୍ଲିଫୁଲ ମହକିଲା ମୋର ଧନରେ ମଲ୍ଲିଫୁଲ ମହକିଲା
କଂସ ରାଜା ଆମ୍ଭ (ଭଗାରି ହେଲା)
ସେତ ଅକ୍ରୂରଙ୍କୁ ପଠାଇଲା ରେ ମୋର ମଲ୍ଲି ଗଜରା
ମୋତି ମହଲେ ବାଜିଲା ଖରାରେ । ୧ ।
କପଟିଆ ଶ୍ୟାମବନ୍ଧୁ ମୋର ଧନରେ କପଟିଆ ଶ୍ୟାମବନ୍ଧୁ
ପ୍ରୀତିରଙ୍ଗେ ଆମ୍ଭେ (ବାନ୍ଧିଲୁ ବନ୍ଧୁ)
ଛାଡ଼ି ଯାଉଛନ୍ତି କୃପାସିନ୍ଧୁରେ ମୋର ମଲ୍ଲି ଗଜରା
ମୋତି ମହଲେ ବାଜିଲା ଖରାରେ । ୨ ।
ନନ୍ଦସୁତ ଦଗା ଦେଲା ମୋର ଧନରେ ନନ୍ଦସୁତ ଦଗା ଦେଲା
ପର ପାଇଁ ଆମ୍ଭ (ହିଆ ଶୁଖିଲା)
ଜଗତରେ ଅପବାଦ ହେଲାରେ ମୋର ମଲ୍ଲି ଗଜରା
ମୋତି ମହଲେ ବାଜିଲା ଖରାରେ । ୩ ।
ଆଉକି ଯିବା ଯମୁନା ମୋର ଧନରେ ଆଉକି ଯିବା ଯମୁନା
ଛାଡ଼ି ଯାଉଛନ୍ତି କାଳିଆ ସୁନା
ଘାନ ମନେ ହୁଏ ଦୁଃଖ ମନାରେ ମୋର ମଲ୍ଲି ଗଜରା
ମୋତି ମହଲେ ବାଜିଲା ଖରାରେ । ୪ ।

ଅକ୍ରୂରର ଗୀତ

(ମନେ ବିଚାର କରନ୍ତି—ବୃତ୍ତେ)

ଶୁଣ ଶୁଣ ବ୍ରଜବାଳୀ ମୋହର ବଚନ
ଯାତ୍ରା ଶେଷରେ ଆସିବେ କାହ୍ନୁ ସଙ୍କର୍ଷଣ । ଫେରିଯାଅ ।
ନିଜ ଗୃହେ ଆନନ୍ଦରେ ଥାଅ । ୧ ।

Source: SC Panda, Digitized by PPRACHIN, SOA

ମନରେ ଅଧୈର୍ଯ୍ୟ ତୁମ୍ଭେ ନୁହ ଗୋପବାଳୀ
ଦଣ୍ଡ କ୍ଷେପରେ ଆସିବେ ରାମ ବନମାଳୀ
ସତ୍ୟ କହି
ଦୀନବନ୍ଧୁ ଏ ଗୀତେ କହଇ ।

ଗୋପୀମାନଙ୍କର ଗୀତ

(ଦୋଳ ଗୀତ—ବୃତ୍ତେ)

ଆହେ ପ୍ରଭୁ ଚକ୍ରଧର ତୁମ୍ଭେ ଯେବେ ଯିବ ।
ମଥୁରାପୁର···ମଥୁରାପୁର ହେ ।
ନଷ୍ଟେ ଜୀବନ ଯିବ ଆମ୍ଭର ଶ୍ରୀହରି । ୧ ।
କେତେ କାଖେ ଘେନକରି ବୁଲାଉ ଥାଉଁ ଏ
ଗୋପ ନଗରୀ···ଗୋପ ନଗରୀ ହେ ।
ଆସି ଅକ୍ରୂର ହେଲା ଉଗାରୀ ମୋହନ ହେ । ୨ ।
ଅକ୍ରୂର ରଥେ ବସିଛ, ଯେତେ କହୁଲେ
କର୍ଣ୍ଣେ ନ ଶୁଣୁଛ···ନାହିଁ ଶୁଣୁଛ ହେ ।
ତୁମ୍ଭେ ବଧିର ପ୍ରାୟେ ହେଉଛ ମୋହନ ହେ । ୩ ।
ଯେବେ ଯାଅ ମଧୁପୁର ଗୋପୀକାମାନଙ୍କୁ ଦିଅ ଜହର
ଦିଅ ଜହର ହେ,
ଦାନ ମାଗୁଅଛୁ ଯୋଡ଼ି କର ମୋହନ ହେ । ୪ ।

ଅକ୍ରୂର ଓ ଗୋପୀମାନଙ୍କର ଚଢ଼ା ଉତ୍ତରା ଗୀତ

(ଶୁଣ ପ୍ରିୟେ ସଙ୍ଗାତରେ ମୋହର ବଚନ—ବୃତ୍ତେ)

ଅକ୍ରୂର—କୃଷ୍ଣ ଆଜ୍ଞା ପାଇ ରଥ ଚଳାଇଲି ବୀର ହେ ।
ଗୋପୀ—ଗୋପୀଏ ଡାକନ୍ତି ଦଣ୍ଡେ···ରହ ତୁ ଅକ୍ରୂରରେ । ୧ ।
ନେବ ପିତୁଳାକୁ ଘେନ ଯାଉଛୁ ଆମ୍ଭର ରେ ।
ନଷ୍ଟସ୍ତୁ ପ୍ରାଣ ତେଜିବୁ ଜାଣିଥା ଅକ୍ରୂରରେ ।

Source: SC Panda, Digitized by PPRACHIN, SOA

ସ୍ତ୍ରୀ ହତ୍ୟା ଦୋଷ ତୋତେ···ନିଶ୍ଚୟ ଲାଗିବ ରେ ।
ଧୀନ ବୋଲେ ଏହି ଶାପ ଅନ୍ୟଥା ନୋହିବ ରେ ।୩।

ରାମକୃଷ୍ଣଙ୍କ ଗୀତ

(ଶୁଣରେ ନବ କିଶୋରୀ—ବୃତ୍ତେ)

ଦୁଇଭାଇ—ଅକ୍ରୂରର କେଉଁ ଦୋଷ ଅଛି ବ୍ରଜବାଳୀ ।
ଅକାରଣେ ତାହାଙ୍କୁ ଗୋ ନ ଦିଅଟି ଗାଳି ।
ଦୟାବନ୍ଧ ଗୋ—ମଥୁରାକୁ ମୋତେ ଛାଡ଼ିଦିଅ ଗୋ । ୧ ।
ଅକ୍ରୂର ହସ୍ତରେ ମାମୁଁ ରଥ ପଠାଇଛି ।
ସେ ରଥରେ ବସିଣ ମୁଁ ମଥୁରା ଯାଉଛି ।
କି କହୁଛ ଗୋ—ଅକାରଣେ ଗୋଳ ଲଗାଉଛ ଗୋ ।୨।
ତିନିବାର ସତ୍ୟ କରୁଛି ତୁମ୍ଭ ଆଗେ ମୁହିଁ ।
ବୃନ୍ଦାବନ ପାଞ୍ଚ ଦିନ କେବେ ହେବ ନାହିଁ ।
ଆସିବଇଁ ଗୋ—ଧୀନ ବୋଲେ ଗୋପେ ଥିବ ରହି ।୩।

(ଗୋପୀମାନଙ୍କର ଝିରନ୍ ମାଧୁରୀ—ବୃତ୍ତେ)

ଗୋପୀ—ଶୁଣ ଶୁଣ ଅକ୍ରୂର ତୁ ଆମ୍ଭର ବଚନ
ରାମ ହରିଙ୍କୁ ନେଉଛୁ ମଥୁରା ଭୁବନ
ଯାତ୍ରା ଶେଷେ ଆଣିଦେବୁ ଅକ୍ରୂର ।
ନନ୍ଦର ନନ୍ଦନ ରେ···ଛାମୁକୁ ଛୁମା
ନୋହିଲେ ତେଜିବୁ ଜୀବନରେ, ଛାମୁକୁ ଛୁମା ।
ରଥେ ବସିଣ କହ୍ନାଇ ନ ଜାଣିଲା ପର ।
ତୁମ୍ଭ ଲାଗି ଆମ୍ଭ ପ୍ରାଣ ହେଉଅଛି ଯାର ।
ମଥୁରାକୁ ଗଲେ···ଆମ୍ଭମାନଙ୍କୁ
ନ ଦେଇ ପାଶୋର ରେ ଛାମୁକୁ ଛୁମା
ଧୀନ ବୋଲେ ରଥୁ ଆସ କହ୍ନାଇ
କୁଞ୍ଜବନରେ ଯିବାରେ ଛାମୁକୁ ଛୁମା ।

Source: SC Panda, Digitized by PPRACHIN, SOA

କୃଷ୍ଣ ଗୋପୀମାନଙ୍କର ଗୀତ

କାହା ପାଶେ ଯିବ କପଟ କହିବ
କୃଷ୍ଣ—ଶ୍ରୀକୃଷ୍ଣ ବୋଲନ୍ତି, ଶୁଣ ବ୍ରଜ ବଧୂ ଏବେ ମୋହର ବଚନ
ବର୍ତ୍ତୁଛ ଗଲେ, ଆସିବ ନାହିଁକି ପୁଣି ଏ ଗୋପ ଭୁବନ ।
ଗୋପୀନ ଗୋ କମ୍ପା ହୁଅ ଅଭିମାନ
ଗୋପୀ—ବଚନେ କହନ୍ତି ଗୋପୀ କୃଷ୍ଣ ମୁଖ ଚାହିଁ ଯେ ଆହା ଚାହିଁ
ଅନୁତ୍ତ ଶାଳରେ ତୋର କାଟିଥିଲୁ ନାହିରେ ଆଶା ଥିଲି ।
ଏ ଅକ୍ରୂର ଭଗାରି ହୋଇଲି ରେ ।
କୃଷ୍ଣ—ଗୋପୀ ବୋଲ ଶୁଣି ବୋଲେ ମାନମଣି, ଶୁଣ ଗୋ ପ୍ରାଣ ମିତଣୀ
ବେଳ ଦେଖ ଏବେ ଉତ୍ତର ହେଉଛି କୋପିବେଟି ନୃପମଣି
ଗୁଡ଼ଦିଅ ଗୋ ଆନନ୍ଦରେ ଗୋପେ ଥାଅ ।
ଗୋପୀ—କେଉଁ ଜନ୍ମେ କେଉଁ ପାପ ଆମ୍ଭେ କରିଥିଲୁ ରେ ପାପ କଲୁ
ପାଇଥିବା ରତ୍ନମଣୀ ହରଇ ବସିଲୁ ରେ ରଙ୍ଗାଧର ।
କୃଷ୍ଣ—ମଧୁପୁର ଯିବୁ, ଉତ୍ସବ ଦେଖିବୁ ଲେଉଟିବୁ ବୃନ୍ଦାବନେ
ମୋ ବଚନ କେବେ ଅନ୍ୟଥା ନୋହିବ
ଗୋପେ ଥାଅ ସ୍ଥିର ମନେ ।
ସଜମାରେ, ଯାଉଛି ମଧୁଭୁବନେ ।

ଗୋପୀମାନଙ୍କର ଝରନ୍ ମାଧୁରୀ ଗୀତ

ଗୋପୀ—ଆହା ବଂଶୀଧାରୀ ଆହା ମୋର ଗିରିଧାରୀ
ଆମ୍ଭଙ୍କୁ ମୁ ଚୁଛି ଯାଅ, ମଥୁରା ନଗରୀ ଗିରିଧାରୀ ।
ମଥୁରା ଗଲେ ଯମୁନା କେ କରିବ ପାର
ଘାନ ବୋଲେ ନ ଛାଡ଼ିବୁ କେବେ ମଧୁପୁରୀ ଗିରିଧାରୀ ।

Source: SC Panda, Digitized by PPRACHIN, SOA

କୃଷ୍ଣ—କହେ ବନମାଳୀ ଶୁଣ ବ୍ରଜବାଳୀ କାହିଁପାଇଁ ହୁଅ ଆରତ ।
ଧନୁଯାତ୍ରା ଦେଖି ଶୀଘ୍ରବେଗେ ମୁହିଁ ଫେରିବି ନିଶ୍ଚୟ ସତ୍ୟ ।
ଧ୍ୟାନ ଭଣି ଗୋ···ହୋଇଲା ଏବେ ବେଳଣି । ୨ ।
(ରାମ କୃଷ୍ଣ ଓ ଅକ୍ରୂର ପ୍ରସ୍ଥାନ)

ଦୂତର ପ୍ରବେଶ ଓ ଗୋପୀମାନଙ୍କର ଶୋକ

(ଧିକ ଧିକ ଏ ଜୀବନେ ପ୍ରୟୋଜନ ନାହିଁ—ବୃତ୍ତେ)

ଗୋପୀ—ମନ୍ଦ ବିଧି ଆମ୍ଭ ଭାଲେ ଲେଖିଥିଲୁ ଏହାରେ ।
ପୂର୍ବକଥା ସୁମରିଲେ ଶୁଖିଯାଏ ହୃଦୟରେ । ୧ ।
ଶିବଲିଙ୍ଗ ପୂଜା କରି ଯାହାକୁ ଥିଲୁ ପାଇରେ ।
ଅକ୍ରୂର ଲାଗି ବିଧାତା ନେଉଛି ଛଡ଼ାଇ ରେ । ୨ ।
ପତି ପୁତ୍ର ଆଶା ତେଜି କୃଷ୍ଣେ କଲୁ ଆଶାରେ ।
ଏବେ ଭେଳା ବୁଡ଼ାଇଣ କଲେ ସେ ନିରାଶା ରେ । ୩ ।
କି କରିବା ବୁଆସାରେ ବୁଦ୍ଧି ଦିଅ କହିରେ ।
ଧ୍ୟାନ ବୋଲେ ଗୁଡ଼ିଗଲେ ସେ କଳା କହ୍ନାଇରେ । ୪ ।

ଦୂତର ପହଲୀ

ଦୂତ—କାନ୍ଦିଲେ ଆଉ କି ଅଛି, ଲୁହ ଦିଅ ପୋଛି ।
ସେ ଧନ କାଳିଆ···ବିରଜ ଧୂଳିଆ ପୁତନା ପ୍ରାଣ ଖାଇଛି ।୧।
ଧ୍ୟାନବନ୍ଧୁ କହି···ଶୋକ କର ନାହିଁ ।
ଗୃହକୁ ଚାଲ ଝଟତି···ଲୁହ ଦିଅ ପୋଛି । ୨ ।
(ସମସ୍ତଙ୍କର ପ୍ରସ୍ଥାନ)

କଂସ ଓ ଦୂତର ପ୍ରବେଶ

କଂସର ଗୀତ

(ଗୁଡ଼ିବାକୁ ତୋହର କର—ବୃତ୍ତେ)

କଂସ—ପ୍ରଚଣ୍ଡେ କଂସ ଗର୍ଜଇ ପ୍ରଚଣ୍ଡେ କଂସ ଗର୍ଜଇ ।
ମହାକୋପରେ ସଭାରେ ମିଳିଲା ଧାଇ । ଘୋଷା ।

Source: SC Panda, Digitized by PPRACHIN, SOA

ହୋଇ ଅତି ତରତର ବସେ ଜଗତ ଉପର ।
କହ ଦୂତ କି କଲ ସେ ଅକ୍ରୂର ଯାଇ । ୧ ।
ଏଥୁ ରଥ ଘେନ ଗଲା ଗୋପେ ଗଲ କି ନ ଗଲା ।
କିବା କୃଷ୍ଣ ହସ୍ତେ ମଲ କହ ଫିଟାଇ । ୨ ।
ଏଥୁ ଯେତେ ଗୋପେ ଗଲେ କେହି ଫେରି ନ ଆସିଲେ ।
ସମସ୍ତଙ୍କ ପ୍ରାଣ ନେଲା କଳା କହ୍ନାଇ । ୩ ।
ଅକ୍ରୂରକୁ କସ ଦେଇ ନନ୍ଦ କି ଦେଲା ଭୁଲାଇ ।
କି ମନ୍ତ୍ର ପାଇ ଅକ୍ରୂର ହୋଇଲା ବାଇ । ୪ ।
ନନ୍ଦ ପୁଅ ଦଗାଦାର ଗୋପୀଙ୍କ ବସନ ଚୋର ।
ମାଇଁ ଝିଅଙ୍କୁ ହରିଲା ବଂଶୀ ବଜାଇ । ୫ ।
ଏଥର ତଦନ୍ତ ନିଅ ମୋ ଆଗରେ ଆସି କହ ।
ଯାନ ବୋଲେ ମୁହିଁ ଗୋପେ ନ ପାରେ ଯାଇ । ୬ ।

ଦୂତର ପହଲୀ

ଦୂତ—ଶୁଣ ଆହେ ମଥୁରା ଈଶ୍ୱର
ଅକ୍ରୂର ରଥେ ଆସନ୍ତି କୃଷ୍ଣ ହଳଧର ।
ଏହି କଥା ଲୋକଙ୍କ ମୁଖରେ ।
ଶୁଣିଅଛି କହିଲି ତା ମୁହିଁ ଶ୍ରୀଛାମୁରେ ।

କଂସର ଗୀତ

(ଗହନ ବନସ୍ତ ନୁହେଁ ଗୃହର ସମାନ—ବୃତ୍ତେ)

କଂସ—ସତେ କି ସେ ନନ୍ଦ ସୁତ ମଥୁରା ଆସୁଛି ।
ତୋ ଠାରୁ ଶୁଣି ହୃଦୟ କମ୍ପିତ ହେଉଛି ।
କହ ଦୂତ, କହ ଦୂତରେ, ଗୋପାଳ କରିବ ଅନର୍ଥ ।
ଅକ୍ରୂରକୁ ଗୋପପୁର ପଠାଇଣ ଦେଲି
ନିଶ୍ଚୟ କୃଷ୍ଣ ଆସିବ, ଜାଣି ମୁଁ ନ ଥିଲି ।

Source: SC Panda, Digitized by PPRACHIN, SOA

କି ଘଟିଲା···କି ଘଟିଲା ରେ ।
ମନ୍ଦ ବିଧି ମୋତେ ବାମ ହେଲା । ୧ ।
ନାରଦ କହିବା କଥା ସତ୍ୟ ମୁଁ ମଣିଲି ।
କୃଷ୍ଣଙ୍କୁ ମାରିବି ବୋଲି ଧନୁଯାତ୍ରା କଲି । ୨ ।
ସେ ଗୋପାଳ, ସେ ଗୋପାଳରେ ।
ଏବେ ମୋତେ ଆସି ହେଲା କାଳ । ୩ ।
ଯାଅରେ ଦୂଆରି ତୁହି ସୈନ୍ୟ ସଜକର ।
ପ୍ରାଣପଣେ ଜଗନ୍ତୁ ସେ ମୋର ରଙ୍ଗ ଦ୍ୱାର ।
ଧନ କହି···ଧନ କହିରେ ।
ମୋ ଜୀବନ ହଜିଲା କୃଷ୍ଣ ପାଇଁ । ୪ ।

ଦୂତର ପହଲି

ଦୂତ—ରାଜା କରିବେ ଘଣ୍ଟେଣୀରେ ମୁହିଁ ନ ଥିଲି ଜାଣି ।
ଯାର ପାଦ ଧରି (ନ ସହଇ ଧରି)
କୃଷ୍ଣଙ୍କୁ ସେ ପୁଣିରେ । ୧ ।

(ସମସ୍ତଙ୍କ ପ୍ରସ୍ଥାନ)

ରାମକୃଷ୍ଣ ଅକ୍ରୂରର ପ୍ରବେଶ

ଅକ୍ରୂରର ଯମୁନା ସ୍ନାନ ଗୀତ
(କହୁଛନ୍ତି ସନ୍ନ୍ୟାସୀ ଶୁଣ ରାମାବର—ବୃତ୍ତେ)

ଅକ୍ରୂର—ଅକ୍ରୂର ବୋଲଇ କୃଷ୍ଣ ଶୁଣ ମୋ ବଚନ ।
ଆଜି ଯମୁନା ଜଳରେ କରିବଇଁ ସ୍ନାନ—ମୁହିଁ ସ୍ନାନ
ଦଣ୍ଡେ ମାତ୍ର ରଥେ ଥାଅ ବେନଭାଇ ବେନଭାଇ ।
ସ୍ନାହାନ ତର୍ପଣ ସାରି ଆସୁଅଛି ମୁହିଁ, ଆହା ମୁହିଁ
ଏତେବୋଲି ଜଳରେ ଯେ ବୁଡ଼ିଲା, ଅକ୍ରୁର ସେ ଅକ୍ରୂର
ଜଳ ଭିତରେ ଦେଖିଲା ରାମ ଦାମୋଦର । ୩ ।

Source: SC Panda, Digitized by PPRACHIN, SOA

ପୁଣି ଦେଖେ ରଥେ ବସିଛନ୍ତି ବେନିଭାଇ, ବେନିଭାଇ ।
ଜଳରେ ବୁଡ଼ି ଅକ୍ରୂର ସେ ରୂପ ଦେଖଇ ସେ ଦେଖଇ ।୪।
ମନେ ବିଚାରିଲା କୃଷ୍ଣ, ଗଲା କି ପଳାଇ ସେ ପଳାଇ ।
ଉଠି ଦେଖିଲା ରଥରେ, ଅଛନ୍ତି କହ୍ନାଇ ବେନିଭାଇ ।୫।
ରଥ ପାଶେ ଅକ୍ରୂର ଯେ ସ୍ତବ ଆରମ୍ଭିଲା ସ୍ତବ କଲା ।
ଦୁଇଭାଇ—ଦିନ ବୋଲେ ଅକ୍ରୂରକୁ କୃଷ୍ଣ ମାୟାକଲା ମାୟାକଲା ।

ରାମ କୃଷ୍ଣଙ୍କର ଗୀତ

(ଅର୍ଜ୍ଜୁନ ବୋଇଲା ଏକା ସ୍ତ୍ରିଶ ଲାଗି—ବୃତ୍ତେ)

ଦୁଇଭାଇ—କହ୍ମାଳି ଅକ୍ରୂର, କରୁଛ ଉଚ୍ଛୁର, ଚାଲ ଯିବା ମଥୁରାକୁ
ବିଳମ୍ବ ହୋଇଲେ ମାମୁ କଂସାସୁର କୋପ କରିବେ
ଆମ୍ଭଙ୍କୁରେ ଅକ୍ରୂର, ଆଉ ବିଳମ୍ବ ନ କର । ୧ ।
ମଥୁରା ପୁରରେ ଜନମ ହୋଇଣ ଗୋପରେ ବଢ଼ିଲି ଯାଇ
ପିତା ମାତାଙ୍କୁ ମୁଁ ନେତ୍ରେ ନ ଦେଖିଲି ଆଠବର୍ଷ ଗଲା ବହ୍ନିରେ
ଅକ୍ରୂର ମାତା ଥିବେ ବାଟ ଚାହିଁ । ୨ ।
ପିତା ମାତା ମୋର ମନେ ଭାବୁଥିବେ,
କୃଷ୍ଣ ମୋ କେବେ ଆସିବ
ମାମୁଁ କଂସାସୁର, ବିଚାରୁ ଥିବେଟି, ନିଶ୍ଚେ ଆସିବ ମାଧବରେ
ଅକ୍ରୂର···ଶୀଘ୍ର ବାହା ରଥବର । ୩ ।
କାଲିଠାରୁ ଗୋପ ଭୁବନ ଛାଡ଼ିଲି, କାନ୍ଦୁଥିବେ ଯଶୋବନ୍ତୀ
ଗୋପ ନରନାରୀ ହେଉଥିବେ ଝୁରି,
ନେତ୍ରୁ ତେଜି ଅଶ୍ରୁଧାର ରେ

Source: SC Panda, Digitized by PPRACHIN, SOA

ଅକ୍ରୂର କ୍ଷଣେ ମୂର୍ଚ୍ଛି ନ ପାରନ୍ତି । ୪ ।
ଆଜ ରଜନୀକି ମଧୁବନେ ରହି ବିଶ୍ରାମ କରିବି ମୁହିଁ ।
କାଲି ପ୍ରାତକାଳେ ଧନୁ ଯଜ୍ଞଶାଳେ ପ୍ରବେଶ ହୋଇବି ଯାଇରେ
ଅକ୍ରୂର—ଘନବନ୍ଧୁ ଗୀତେ କହି ।

କୃଷ୍ଣ ଓ ଅକ୍ରୂରର ଗୀତ

(ଶ୍ରୀରାଧା ବାଉଳୀ—ବୃତ୍ତେ)

ଅକ୍ରୂର—ଶୁଣିଣ ଅକ୍ରୂର ଯୋଡ଼ି ବେନିକର ବୋଲେ ଶୁଣ ପ୍ରଭୁ
ଦାମୋଦର

ଚାଲ ମୋର ପୁର ବ୍ରହ୍ମାଣ୍ଡ ଠାକୁର ପାତକ ଦହନ ହେବ
ମୋର ।

ତୁମ୍ଭ ପାଦ ରେଣୁ···ମୋ ଗୃହରେ ପଡୁ କଳାକାହ୍ନୁ ।
କୃଷ୍ଣ—ବୋଲନ୍ତି ଶ୍ରୀଧର ଶୁଣ ତୁ ଅକ୍ରୂର ଆଗେ ଯେବେ ଯିବି
ରେ ମନ୍ଦିର

ଅକ୍ରୂର କପଟ ପାଞ୍ଚିଛୁ ବୋଲିଣ ମନରେ ଭାବିବ କଂସାସୁର ।
ନଷ୍ଟ ଯିବ ମୁହିଁ···ବିମନ ନ ହୁଅ ଏଥିପାଇଁ । ୨ ।
ଆଗେ ତୁହିଯାଅ ମାମୁଁ ଆଗେ କହ ଆସିଲେଣି ରାମକୃଷ୍ଣ ଦୁଇ
ମଧୁବନେ ରହି ଦେଲେ ପଠିଆଇ ତୁମ୍ଭ ପାଶେ ଜଣାଇବା
ପାଇଁ ।

କାଲି ପ୍ରାତକାଳେ···ପ୍ରବେଶିବେ ଧନୁ ଯଜ୍ଞଶାଳେ । ୩ ।
ଅକ୍ରୂର—ଶୁଣି କୃଷ୍ଣ ଗୀର ଭକତ ଅକ୍ରୂର ଚରଣରେ କଲା
ନମସ୍କାର

ମଧୁବନେ ରହି ଥାଅ ବେନିଭାଇ କଂସକୁ ଦେବି ଏ ସମାଚାର ।
ଘନବନ୍ଧୁ ଭଣି ପ୍ରଣାମ କରି ହେଲା ମେଲାଣି । ୪ ।

(ସମସ୍ତେ ପ୍ରସ୍ଥାନ)

Source: SC Panda, Digitized by PPRACHIN, SOA

କଂସ ଓ ଦୂତର ପ୍ରବେଶ

କଂସର ଗୀତ

(ଚନ୍ଦ୍ର ବଦନାରେ—ବୃତ୍ତେ)

କଂସ—କହ ଶଙ୍କାରେ, ଆସିଲା କି ସେ ଅକ୍ରୂର ।
ସଙ୍ଗତେ ତାହାର ଆଣିଲା କି ନାହିଁ ସେହି ନନ୍ଦର କୁମର ।୧।
ପୁତନା, ଶକଟା, ତୃଣା, ଅର୍ଘା, ବକା ପଠାଇଲି ଗୋପପୁର
ସମସ୍ତଙ୍କୁ ନାଶ କଲା ପୀତବାସ ବଇରୀ ହୋଇ ମୋହର ।୨।
ଅକ୍ରୂର ସଙ୍ଗରେ ଯେବେ ବଂଶୀଧର ଆସିବ ମଥୁରାପୁର
ସେ ମୋତେ ମାରୁ ବା ମୁଁ ତାହାକୁ ମାରେ ଯଶ
ରହିବ ମହୀର ।୩।
ଜାଣିଛନ୍ତି ବିଷ୍ଣୁ ମୋତେ ନାଶିବାକୁ ଜାତ ହୋଇଛି ମର୍ତ୍ତ୍ୟର
ଦୀନବନ୍ଧୁ ବୋଲେ ତା ନାମ ଶୁଣିଲେ ହୃଦ କମ୍ପଇ ମୋହର ।

କଂସ, ଦୂତ ଓ ଅକ୍ରୂରର କଥା

କଂସ—କହ ଦୂତ ସଂଶୟ ଫିଟାଇ
ଗୋପରୁ ଅକ୍ରୂର ମନ୍ତ୍ରୀ ଆସିଲା କି ନାହିଁ ।
ଅତଶୀଘ୍ରେ ଫିଟାଅ ସନ୍ଦେହ ।

ଦୂତ—ମହାରାଜ !
ଏହି ଦେଖ ଆସନ୍ତି ଅକ୍ରୂର ହସ ହସ ଦିଶେ ମୁଖରାଜି
ଜଣାଯାଏ ଶୁଭର ସଙ୍କେତ ।

ଅକ୍ରୂର—ପ୍ରଣାମ ଚରଣେ ତବ ମଥୁରା ଈଶ୍ୱର ।

କଂସ—କହ ମନ୍ତ୍ରୀ ଶୁଭ ସମାଚାର, ଆସିଲେ କି ରାମ କୃଷ୍ଣ ଦୁଇ
ପ୍ରକାଶ ତା ହର୍ଷ ଅନ୍ତରେ ।

Source: SC Panda, Digitized by PPRACHIN, SOA

ଅକ୍ରୂରର ଗୀତ

(ବାରବରଷର ସୁତ ତୋ ବଶି କେଶନ—ବୃତ୍ତେ)

ଅକ୍ରୂର—ଅକ୍ରୂର ବୋଲଇ ତୁମ୍ଭେ ମନଦେଇ ଶୁଣ, ରାଜନ
ତବ ଆଜ୍ଞାରେ ଚଳିଲି ଗୋପ ବୃନ୍ଦାବନ, ରାଜନ । ପଦ ।
ଶ୍ରୀହସ୍ତ ଲେଖା ଦେଇଣ ନନ୍ଦର କରେଣ ।
ଧନୁ ଯାତ୍ରାର ବିଧାନ ଦେଲି ବୁଝାଇଣ ରାଜନ । ୧ ।
ରାମ ହରି ବେନି ଭାଇ ରଥରେ ବସିଣ
ଆସିଣ ରହି ଅଛନ୍ତି ତୁମ୍ଭ ମଧୁବନ ରାଜନ
କାଲି ପ୍ରାତେ ତୁମ୍ଭପାଦ କରିବେ ଦର୍ଶନ ।
ଦୀନ ବୋଲେ ରକ୍ଷାକର ମଥୁରା ଭୁବନ ରାଜନ ।

କଂସ—ଧନ୍ୟ ଧନ୍ୟ ତୁହି ମନ୍ତ୍ରୀବର
ଯାଅ ଏଥୁ ମେଲାଣି ହୋଇଣ ।
ଯାତ୍ରା ଶେଷେ ଦେବି ପୁରସ୍କାର ।

ଅକ୍ରୂର—ପ୍ରଣାମ ଚରଣେ ତବ ହୋଇଲି ମେଲାଣି । (ପ୍ରସ୍ଥାନ)

କଂସ—ରେ ଦୂତ, ବେଗେ ଚଳ ଘେନି ମୋ ଆଦେଶ
ଦେବକୀ ବସୁଦେବଙ୍କୁ ଆଣ ମୋର ପାଶ ।

ଦୂତ—ଯେ ଆଜ୍ଞା ।

ଦେବକୀ ବସୁଦେବ ପ୍ରବେଶ
କଂସର ଗୀତ

(ଯାଅ ହନୁମାନ—ବୃତ୍ତେ)

ବସୁଦେବ ମୁଖ ଚାହିଁଣ ରାଜନ କୋପେ ହୁଏ ଥରହର
ତୋ ବେନିକୁମର ଭଗାରି ମୋହର ଖଡ୍‌ଗେ ଛେଦିବଇଁ ଶିର ।
ନରାଧମରେ ସାକ୍ଷାତେ ମୁଁ କାଳଯମ ।୧।

Source: SC Panda, Digitized by PPRACHIN, SOA

ଭୁଞ୍ଜନ୍ତୁ ବେନି ପ୍ରାଣୀ ବନ୍ଧଘରେ ଥାଇ ଦେଖିବ ପୁତ୍ର ମରଣ
ରଙ୍ଗ ସଭାରେ ସେ ପୁତ୍ରକୁ ମାରିବି ତେବେ ସନ୍ତୋଷ ମୋ ମନ
ଧ୍ୟାନ କରିରେ, ପୁତ୍ର ଆଶା ତେଜ ତୁହି । ୨ ।

କଂସ—ରେ ଦୂତ, ଡ଼କାଅ ସେ ପ୍ରହରୀଗଣଙ୍କୁ
ବନ୍ଧନ କରି ଏହାଙ୍କୁ ରଖିବ ବନ୍ଦୀରେ ।

ଦୂତ—ଯେ ଆଜ୍ଞା !

(ପ୍ରହରୀମାନଙ୍କ ପ୍ରବେଶ)

କଂସ—ରେ ଦ୍ୱାରପାଳ, ଏ ଦୁହିଙ୍କି ନିଅ ବନ୍ଦୀଘର
ଲୌହ ଶିକୁଳିରେ ଯାକୁ ବନ୍ଧନ ଯେ କର ।

ପ୍ରହରୀ—ଯେ ଆଜ୍ଞା !

(କଂସ ଓ ଦୂତର ପ୍ରସ୍ଥାନ)

(ପ୍ରହରୀମାନେ ଦେବକୀ ବସୁଦେବଙ୍କୁ ବନ୍ଦୀଘରେ ବନ୍ଧନ କରିବା ।)

ଦେବକୀର ଶୋକ

(ଚିତ୍ରକୂଟେ ବଇଦେହୀ କରନ୍ତି ରୋଦନ—ବୃତ୍ତେ)

ମୋ କରମେ ଏହା ଥିଲାରେ, ମନ୍ଦବହ୍ନି ।

ଷଡ଼ ସୁତ ଜନ୍ମ କଲି କୋଳେ ଧରି ନ ପାରିଲି
କଚାଡ଼ି ମାଇଲା କଂସ ଶିଳାପରେ ନେଇ ରେ, ମନ୍ଦବହ୍ନି । ୨ ।
ହସ୍ତ ପାଦରେ ମୋହର ଲୁହା ଶିକୁଳିର ଡୋର
ବନ୍ଧନରେ ପଡ଼ି ଚନ୍ଦ୍ର ସୂର୍ଯ୍ୟ ନ ଦେଖଇ ରେ ମନ୍ଦବହ୍ନି । ୩ ।
ନାରଦ ବାକ୍ୟେ ପାମର ପୁତ୍ରଙ୍କୁ ମାରଇ ମୋର
ଧ୍ୟାନବୋଲେ ମୋ ସମାନ ଅଭାଗିନୀ ନାହିଁରେ ମନ୍ଦବହ୍ନି । ୪ ।

Source: SC Panda, Digitized by PPRACHIN, SOA

ବସୁଦେବଙ୍କର ଗୀତ

(ଆଜ ଗୃହ୍ଣାଳ ଗାଳଦେବ ଯେତେ—ବୃତ୍ତେ)

ଆଉ ରୋଦନ ନକର ତୁହ୍ମ ଗୋ ପ୍ରିୟସହ୍ମ ଗୋ
ପୁତ୍ର ମୁଖ ଦେଖିବା ଭାଗ୍ୟେ ନାହିଁ ଗୋ ପ୍ରିୟସହ୍ମ ଗୋ ।୧।
ଆମ୍ଭ କରମ ହୀନ ବନ୍ଦୀରେ ଯାଏ ଦିନ
ଅଶ୍ରୁ ଜଳ ତେଜୁ କାହିଁପାଇଁ ଗୋ, ପ୍ରିୟସହ୍ମ ଗୋ ।୨।
ସାତ ସପନେ ଆଉ ପୁତ୍ର ଦେଖିବା କାହୁଁ
ପୁତ୍ର ଛେଦନ କରୁଛି ବନ୍ଧୁ ଗୋ, ପ୍ରିୟସହ୍ମ ଗୋ ।୩।
ମାନ ମୋର ବଚନ ନ କାନ୍ଦ ପ୍ରାଣ ଧନ
ଜ୍ଞାନ ବୋଲେ ଧୈର୍ଯ୍ୟ ଧର ତୁହ୍ମ ଗୋ, ପ୍ରିୟସହ୍ମ ଗୋ ।୪।

କୃଷ୍ଣ, ବଳରାମ ପ୍ରବେଶ ହୋଇ ବସିବା ରଜକ ପ୍ରବେଶ ହୋଇ ଗୀତ

(ବାହାର ଖାରବେତାଳ—ବୃତ୍ତେ)

ବାହାରେ କଂସ ରଜକ ଲୁଗା ଭାର କନ୍ଧେ ବହି
କଂସର ରଜକ ବୋଲି କାହାକୁ ଖାତର ନାହିଁ । ପଦ ।
ମଦ ଖାଇ ବଡ଼ଖେଳରେ ଚାଲି ଯାଉଛି ବାଟରେ
ଗଉଡ଼ ଟୋକାଙ୍କୁ ଦେଖି ମନରେ ହୁଏ ଖତାଇ । ୧ ।
ଏମାନେ କିସ କରିବେ କଂସ ହାତେ ନାଶ ଯିବେ
ଜ୍ଞାନ ବୋଲେ ଏମାନଙ୍କୁ କଂସ ଆଣିଛି ଡକାଇ । ୨ ।

ରାମ କୃଷ୍ଣଙ୍କର ଗୀତ

(ଜ୍ୟେଷ୍ଠ ଭାଇ ଗୀର ଶୁଣି ଚକ୍ରଧର)

ଦେଖରେ କହ୍ନାଇ ଲୁଗା ଭାର ବହି କିଏ ସେ ଏଥେ ଆସୁଛି
କଂସ ରାଜାର ସେ ରଜକ ପରାୟେ ମୋତେ ଜଣା ଯାଉଛି ରେ ।
କହ୍ନାଇ କି ରଙ୍ଗେ ଚାଲି ଯାଉଛି । ୧ ।

Source: SC Panda, Digitized by PPRACHIN, SOA

ଏ ମଥୁରା ଦେଶ ସମସ୍ତେ ବଳକୁ ଧୀରେ ତା ପାଶକୁ ଯିବୁ ।
କାହାର ବସନ ନେଉଛନ୍ତି ବୋଲିଣ ତୁ ତାହାଙ୍କୁ ପଚାରିବୁରେ
କହ୍ନାଇ, ଗୋଳ ନ କରିବୁ ତୁହି । ୨ ।
ଏତେକହି ରାମ ମଉନ ହୋଇଣ ମଧୁବନରେ ରହିଲେ
କୃଷ୍ଣ—ଧୀରେଧୀରେ ଯାଇ ସେ କଳାକହ୍ନାଇ ରଜକ ପାଶେ ମିଳିଲେ
ଘନ କହି, ରଜକର ରକ୍ଷା ନାହିଁ । ୩ ।

କୃଷ୍ଣ ଓ ରଜକର ଗୀତ

(ରଜକର ନାମ ଧରି କେ ମୋତେ ଡାକୁଛ—ବୃତ୍ତେ)

କୃଷ୍ଣ—ରଜକକୁ ଚାହିଁଣ ଯେ ବୋଲନ୍ତି ଶ୍ରୀହରି
କେଣେ ଯାଉଅଛୁ ଲୁଗା ଭାର ବହିକରି, ଦିଅ ବାସରେ
ସୁବେଶ ହୋଇ ଭେଟିବି କଂସ । ୧ ।
ରଜକ—କଂସର ରଜକ ମୁହିଁ ଶୁଣରେ ବାଳକ
ମାତ୍ର ପ୍ରତି କାଚଇ ମୁଁ ଏ ରାଜପୋଷାକ, କମ୍ପା ଦେବରେ
କଂସ ହାତେ ଶାସ୍ତି ମୁଁ ପାଇବ । ୨ ।
କୃଷ୍ଣ—ବଂଶୀଧର ବୋଲୁଛନ୍ତି ମୁଁ ରାଜା ଭଣଜା
ବାସ ଦେବାପାଇଁ କମ୍ପା ହେଉଛୁ ଅବୁଝା, ଶୀଘ୍ର ଦିଅରେ,
ମୋର ହାତେ ଶାସ୍ତି ତୁ ନ ପାଅ । ୩ ।
ରଜକ—ରଜକ ବୋଲେ ଗଉଡ଼ ଟୋକା ହୋଇ ତୁହି
ମାଈଙ୍କ ହରିଲୁ ବନେ ଚରାଇଲୁ ଗାଈ, ବାଇ ହେଲୁରେ,
ରାଜାଙ୍କ ଲୁଗାକୁ ମନ ଦେଲୁ । ୪ ।
କୃଷ୍ଣ—ଏହାଶୁଣି ଶ୍ରୀହରି ଯେ ଅତି କୋପଭରେ
ଚପୁଡ଼ା ମାରିଣ ମୁଣ୍ଡ ଛିଣ୍ଡାଇ ସତ୍ୱରେ, ଘନ ବୋଲେ ହେ,
ବସ୍ତ୍ରଘେନ ମଧୁବନେ ଗଲେ ।

(ସମସ୍ତେ ପ୍ରସ୍ଥାନ)

Source: SC Panda, Digitized by PPRACHIN, SOA

କୁବୁଜାର ଗୀତ

(ଅଳଙ୍କାର ଦେଇ କମଳା—ବୃତ୍ତେ)

କୁବୁଜା—ଏହିକି ନନ୍ଦ କହ୍ନାଇ, ଗୋପରେ ଥିଲେ କି ଏ ଦେନିଭାଇଁ
ଅକ୍ରୂର ଗୋପକୁ ଯାଇ ଯାଙ୍କୁ ଆଣିଛି କି ରଥେ ବସାଇ ।୨।
ଏହିକି ପୁତନା ମାରି ଏହି ଅଟେ କି ସେ ମନ୍ଦର ଧରି ।୩।
ଏହାଙ୍କୁ ଚନ୍ଦନ ବେଶ କରିବା ପାଇଁ ମୋ ବଳେ ମାନସ ।୪।
ତାଙ୍କର ପାଟଣେ ମୁଁ ଗଲେ ପୁତନା ପ୍ରାପ୍ତ କି କରିବେ ଭଲେ ।୫।
ଗୀତରେ ଦୀନ କହଇ ମୁକତ କରିବେ ଏ ବେନି ଭାଇ ।୬।

ରାମକୃଷ୍ଣ ଓ କୁବୁଜାର ଗୀତ

(ଆଜ ପରା ମାଘ ପୂର୍ଣ୍ଣିମା ଦିବସ—ବୃତ୍ତେ)

ଦୁଇଭାଇ—ରାମକୃଷ୍ଣ ବେନିଭାଇ ବୋଲୁଛନ୍ତି ଶୁଣ ମଥୁରା ନାରୀ
କାଖେ କସ ଧରି ଯାଉଛୁ ସୁନ୍ଦରୀ ବହନେ କହି ବିଚାରି ଗୋ
ସୁନ୍ଦରୀ ମନେ କପଟ ନ କରି ।୧।

କୁବୁଜା—କୁବୁଜା ବୋଲଇ ଶୁଣ ବେନିଭାଇ ଚନ୍ଦନ ନେଉଛି ମୁହିଁ,
କଂସ ପାଟଣ ଯାଇ ଏ ଚନ୍ଦନ ଦେଇ ନିତପ୍ରତି ମୁଁ ଆସଇ ହେ
କହ୍ନାଇ, ପଚାରୁଛ କସ ପାଇଁ ।୨।

ଦୁଇଭାଇ—ଆମ୍ଭେ ବେନିଭାଇ କଂସର ଭଣଜା କର ତୁ ଚନ୍ଦନ ବେଶ
ମାଖିଲେ ଚନ୍ଦନ ହୃଷ୍ଟ ହେବ ମନ ଭେଟିବୁ ମଉଳା କଂସ ଗୋ
ସୁନ୍ଦରୀ, ଆମ୍ଭ ନାମ ରାମ ହରି । ୩ ।

କୁବୁଜା—କୃଷ୍ଣଙ୍କ ବଚନ ଶୁଣିଣ ତରୁଣୀ ଚନ୍ଦନ ପେଡ଼ି ଫେଇଲା ।
ଚନ୍ଦନରେ ବେଶ କରି ନାରୀ ଛଣ ଚରଣେ ପ୍ରଣାମ କଲା ।

ଦୁଇଭାଇ—ବେନିଭାଇ କୁଜକୁ ତଳୁ ଉଠାଇ । ୪ ।
କୁବୁଜାର କୁଜ ଉପରେ ଶ୍ରୀହରି ଶ୍ରୀହସ୍ତ ଆଉଁସି ଦେଲେ ।
ସ୍ୱରୂପକୁ ତାରି କରିଲେ ସୁନ୍ଦର ଦୀନବନ୍ଧୁ ଗୋପେ ବୋଲେ ।
ବନମାଳୀ, ଭେଟିଲେ ସୁଦାମା ମାଳୀ ।୫। (କୁବୁଜାର ପ୍ରସ୍ଥାନ)

Source: SC Panda, Digitized by PPRACHIN, SOA

ରାମକୃଷ୍ଣ ଓ ସୁଦାମା ମାଳୀର ଗୀତ

(କହରେ ଅର୍ଜୁନ ମୋତେ ହସ୍ତିନା ଖବର—ବୃତ୍ତେ)

ଦୁଇଭାଇ—ରାମ ହରି ବୋଲୁଛନ୍ତି କଂସ ନେଉ ଶୁଦ୍ଧ ରେ
ସଂଶୟ ଫିଟାଇ ତାହା କହ ତୁ ବୁଝାଇ ରେ ।୧।

ସୁଦାମା—ଶୁଣରେ କହ୍ନାଇ ମଲ୍ଲୀ ଦ୍ୱାର ଏ ଅଟଇ ହେ ।
ମାଳପ୍ରତି କଂସ ଧାଶେ ଦେଉଅଛୁ ମୁହିଁ ହେ ।୨।

ଦୁଇଭାଇ—ଫୁଲ ଦ୍ୱାରେ ବେଶ ମୋତେ କର ଶୁଦ୍ଧ ମାଳରେ ।
କଂସର ଭଣଜା ମୋର ନାମ ବନମାଳୀ ରେ ।୩।

ସୁଦାମା—ତା ଶୁଣି ସୁଦାମା ମାଳୀ ସୁବେଶ କରିଲା ହେ ।
ବେନି ଭାଇଙ୍କ ଚରଣେ ପ୍ରଣିପାତ ହେଲା ହେ ।୪।

ଦୁଇଭାଇ—ତାହାଦେଖି ବେନିଭାଇ ହରଷ ହୋଇଲେ ହେ ।
ଗରୁଡ଼ ପୃଷ୍ଠରେ ବୈକୁଣ୍ଠକୁ ପଠାଇଲେ ହେ ।୫।
ସ୍ୱଦେହେ ସୁଦାମା ମାଳୀ ବୈକୁଣ୍ଠକୁ ଗଲା ହେ ।
ଘନ ବୋଲେ ଧନୁ ଦେଖି ଗଲେ ନନ୍ଦବାଳା ହେ ।୬।

(ସମସ୍ତଙ୍କ ପ୍ରସ୍ଥାନ)

କଂସ ଓ ଦୂତର ପ୍ରବେଶ

କଂସର କଥା

କଂସ—ଓଃ କି ଦୁଃସ୍ୱପ୍ନ, କେବେ ତ ଏପରି ସ୍ୱପ୍ନ ଦେଖିନାହିଁ ।
ଆଜି ଏପରି କାହିଁକି ହେଲା ।
ଦେଖିଲି, ପ୍ରେତ ସହିତରେ ମୋର ବାକ୍ୟାଳାପ ।
କେତେବେଳେ ଗର୍ଦ୍ଦଭ ପୃଷ୍ଠେ ଆରୋହଣ ।
ପୁଣି ଦେଖିଲି, ଜଣେ ଲଙ୍ଗଳା ପୁରୁଷ ତେଲ ଲଗାଇ
ମନ୍ଦାର ଫୁଲଟିଏ ଧରି ମୋ ପାଖକୁ ଆସୁଛି ।
ମୋର ତ କୃଷ୍ଣଙ୍କ ପୂର୍ବରୁ ଭୟ ଅଛି, ସେ କଅଣ ମାରିବ
ଆଜ୍ଞା ଦେଖାଯାଉ ।

Source: SC Panda, Digitized by PPRACHIN, SOA

କଂସର ଗୀତ

(ପଞ୍ଚବଟୀ ବନେ ରାମ କରନ୍ତି ରୋଦନ—ବୃତ୍ତେ)

କଂସ—ଗତ ରଜନୀରେ ଦୂତ ସ୍ୱପ୍ନ ମୋତେ ହେଲା
ମଥୁରାକୁ ଆସିଛନ୍ତି ନନ୍ଦ ବେନି ବଳା ରେ, କହ ଦୂତ
ସତେ କି ମାରିବ ନନ୍ଦସୁତ ରେ । ୧ ।
କେତେ କୁହୁକ ଜାଣେ ସେ ନନ୍ଦର ନନ୍ଦନ
ପୀତାମ୍ବର ପିନ୍ଧାଇଲା କାଳୀୟଗଞ୍ଜନ ରେ, ନନ୍ଦ ବେଣ୍ଟା
ଗୋପୀଙ୍କ ଗୋରସ ଠେକି ପିଠାରେ ।୨।
କେଉଁ କୌଶଳେ ବନ୍ଧରୁ ପଳାଇଣ ଗଲା ।
ଗୋପପୁରେ ନନ୍ଦଘରେ ଯାଇଣ ରହିଲାରେ, ପୀତବାସ
ପୁତନାକୁ ପ୍ରାଣେ କଲା ନାଶରେ । ୩ ।
ଗୋମନ୍ତ ଋଷିର ଶାପେ ଗୋପକୁ ନ ଗଲା ।
ଜାଣି ଶୁଣି ଶତ୍ରୁକୁ ମୁଁ ବଢ଼ାଇ ରଖିଲି ରେ, ଘନ କହ
ଏଣିକି ମୋ ଭଲଗତି ନାହିଁ ରେ । ୪ ।

ଦୂତର ପହଲି

ଦୂତ—ତୁମ୍ଭ ଛନ୍ଦ ଜଣାଗଲା ହେ ଉଗ୍ରସେନ ବଳା ।
ସେ ଗଉଡ଼ ଜାତି ନ ଯିବେ ବରତି
କମ୍ପାଇ ହୁଅ ବାଉଳା ହେ । ୧ ।
କା କଥା ମାନିଲ କୃଷ୍ଣଙ୍କୁ ଆଣିଲ
ଘନ ବୋଲେ ବୁଡ଼ିଲଣି ଭେଳା ହେ ।୧।

ରାମକୃଷ୍ଣଙ୍କର ଗୀତ

(ଜଗତରେ ଧନୁଧାରୀ ବୀର ଅରଜୁନ—ବୃତ୍ତେ)

ଦୁଇଭାଇ—ଧନୁଶାଳେ ଦୁଇଭାଇ ପରବେଶ ହେଲେ ହେ ।
କଂସର ଧନୁକୁ କୃଷ୍ଣ ହସ୍ତରେ ଧଇଲେ ହେ ।

Source: SC Panda, Digitized by PPRACHIN, SOA

ମିଛେ ଯାତ୍ରା କଲବୋଲି ମନରେ ଭାବିବ ହେ । ୨ ।
ଏତେବୋଲି ସେ ଧନୁକୁ ବେନି କରେ ଧରି ହେ
ସ୍ୱହସ୍ତେ ଭାଙ୍ଗିଲେ ତାହା ବେନି ଖଣ୍ଡ କରି ହେ ।
ଧନୁଭାଙ୍ଗି ମଧୁବନେ ପରବେଶ ହେଲେ ହେ ।
ଉଚ୍ଛନ୍ନ ହୋଇଲା କଂସ ଘନବନ୍ଧୁ ବୋଲେ ହେ । ୩ ।

ରାମକୃଷ୍ଣ ଓ ମାହୁନ୍ତର ଗୀତ

(ଅର୍ଜୁନ ବୋଇଲା ତୁମ୍ଭେ ଶୁଣ ବାଳାମଣି—ବୃତ୍ତେ)

କୃଷ୍ଣ—ବାଟଛାଡ଼ ମାହୁନ୍ତରେ ଭିତରକୁ ଯିବ ।
ଡାକଛନ୍ତି ମାମୁ କଂସ ସାକ୍ଷାତ କରିବ ରେ ଆଡ଼ହୁଅ ।
ଭିତରକୁ ମୋତେ ଛାଡ଼ ଦିଅ ରେ ।୧।
ମାହୁନ୍ତ—ମାହୁନ୍ତ ବୋଲଇ ମୁହିଁ ନ ଛାଡ଼ିବି ବାଟ ।
ଦେହେ ତୋର ବଳଥିଲେ ଯାଅ ନନ୍ଦଗୋଠ ରେ ନ ଛାଡ଼ିବି ।
ରାଜା ଆଜ୍ଞା ଏଥେ ଜଗିଥିବି । ୨ ।
କୃଷ୍ଣ—ମାହୁନ୍ତ ବଚନ ଶୁଣି ପ୍ରଭୁ ଦଇତାରୀ ।
ବୋଲନ୍ତି ତୁ ନ ମାନିଲେ ଯିବୁ ଯମପୁରୀ ରେ, କି କହୁଛୁ ।
ପରପାଇଁ ଜୀବନ ଦେଉଛୁ ରେ । ୩ ।
ମାହୁନ୍ତ—ଗଉଡ଼ ଟୋକାଟା କେଡ଼େ କରୁଅଛୁ ଟାଣ ।
ଏହି ସ୍ଥାନ ନୁହଇ ସେ ଗୋପ ବୃନ୍ଦାବନ ରେ ବଂଶୀଧାରୀ ।
ତୋତେ ଦେଖାଇବି ଯମପୁରୀ ରେ ।୪।
କୃଷ୍ଣ—ଏହାଶୁଣି ହସ୍ତୀଶୁଣ୍ଢ ଧଇଲେ ମାଧୋଇ ।
ବଳରାମ—ଲାଞ୍ଜକୁ ଧଇଲେ ବେଗେ ବଳରାମ ଯାଇ ହେ ହସ୍ତୀ ମଲା ।
ମାହୁନ୍ତ ବହୁତ ଯୁଦ୍ଧ କଲା ହେ । ୫ ।

Source: SC Panda, Digitized by PPRACHIN, SOA

ଦୁଇଭାଇ—ତହୁଁ ମାହୁନ୍ତଙ୍କୁ ଯେ ଧଇଲେ ବେନଭାଇ
ଖୁଆଦନ୍ତ ପରାଏକ ଘୁରାଇଲେ ନେଇ ହେ ପ୍ରାଣ ଗଲା
ଧାନ ବୋଲେ କୃଷ୍ଣହାତେ ମଲା ହେ ।୭।

(ମାହୁନ୍ତର ପତନ)

ମଥୁରା ନାରୀଙ୍କର ଗୀତ

(ସୁଭଦ୍ରା ବୋଲଇ ଭୁନ୍ହ ଶୁଣ ଧନଞ୍ଜୟ୍ହିରେ—ବୃତ୍ତେ)

ମଥୁରାନାରୀ ମଥୁରା ନାଗରୀ ରାମ କୃଷ୍ଣଙ୍କୁ ଦେଖିଣ ଯେ ଦେଖିବ
ଏହାଙ୍କୁ ଆଣିଛୁ କଂସ କପଟ ପାଞ୍ଚଣ ଗୋ ଦୁଷ୍ଟ କଂସ
ଏମାନଙ୍କୁ କରିବାକୁ ନାଶ ଗୋ । ୧ ।

ଧର୍ମ ଦେବତା ଏହାଙ୍କୁ ସାହାପକ୍ଷ ହେଉ ଗୋ ସାହା ହେଉ
ଏ ମୂର୍ତ୍ତି ଦେଖିଣ କଂସର ଜୀବନ ଯାଉ ଗୋ ପ୍ରିୟସହି
କି ଶୋଭା ଦିଶନ୍ତି ବେନଭାଇ ଗୋ । ୨ ।

କେ ବୋଲେ କୃଷ୍ଣ ଯେବେ ହୁଅନ୍ତେ ମୋର ପତି ଗୋ ମୋର ପତି
କୋଳେ ଧରି କରାବନ୍ତି ଅମୂଲ୍ୟ ସୁରତି ଗୋ କରି କୋଳ
ସୁଖରେ କଟାନ୍ତି ରାତି କାଳ ଗୋ । ୩ ।

ଧନ୍ୟ ସେ ଯଶୋଦା ମାତା ଧନ୍ୟ ଗୋପୀଗଣ ଗୋ ଗୋପୀଗଣ
ନିତି ଦେଖୁଥିଲେ ଏହି ପଙ୍କଜ ବଦନ ଗୋ କି ଭାବଣ
ଛାଡ଼ିଦେଲେ ମଥୁରା ଭୁବନ ଗୋ । ୪ ।

କେ ବୋଲଇ ନନ୍ଦରାଜା ପୁଅ ଏ ନୁହଇ ଗୋ ଏ ନୁହଇ
ଦୁଷ୍ଟ ନାଶିବାକୁ ଜନ୍ମିଛନ୍ତି ଭବରାହୀ ଗୋ ମର୍ତ୍ତ୍ୟପୁରେ
କଂସ ଭଗ୍ନୀ ଦେବକୀ ଉଦରେ ଗୋ । ୫ ।

Source: SC Panda, Digitized by PPRACHIN, SOA

କେ ବୋଲେ ଗୋପକୁ କୃଷ୍ଣ ବାହୁଡ଼ି ନ ଯାଉ ଗୋ
ସେ ନ ଯାଉ ।
କଂସ ନାଶି ମଧୁପୁରେ ଯୁଗେ ଯୁଗେ ରହୁ ଦେଖୁଥିବୁ
ଘନ ବୋଲେ ଦୁଃଖ ପାଶୋରିବୁ ଗୋ । ୮ ।

(ସମସ୍ତେ ପ୍ରସ୍ଥାନ)

କଂସର ଓ ଦୂତର ପ୍ରବେଶ ଏବଂ ରାମକୃଷ୍ଣ ଆସିବା

କଂସର ଗୀତ

(ଅର୍ଜୁନ ବୋଲେ କେ ଗୁରେ ବୋବାଳି—ବୃତ୍ତରେ)

କଂସ—ଯମୁନା କୂଳିଆ କଦମ୍ବ ମୂଳିଆ ଫେରି ଯାଉ ଫେରି ଯାଉ
ପୀତଦୁକୂଳିଆ, ବରଜ ଧୂଳିଆ କ୍ଷଣେ ମଥୁରା ନ ରହୁ ରେ
ଦୁଆରୀ, କପଟିଆ ରାମ ହରି । ୧ ।
ଗଉଡ଼ ବାଉଡ଼ ବନକୁ ଯାଇଣ ଗୋବତ୍ସା ଚରାଉ ଥିଲ
ମୋ ସଙ୍ଗେ ସମାନ ହୋଇବାକୁ ପାଜି ଅକ୍ରୂର ସଙ୍ଗେ ଆସିଲ
ତଗର, ମଥୁରାକୁ କର ଦୂର । ୨ ।
ପୂତନା, ଶକଟା, ତୃଣ ଅଘା ବକା ଗୋପକୁ ପଠାଇ ଥିଲି
ସମସ୍ତଙ୍କ ପ୍ରାଣ କାହ୍ନୁ ଶଙ୍କର୍ଷଣ ନେବେ ମୁଁ ନ ଜାଣିଥିଲିରେ
ଶଙ୍କରି, ସବୁହେଲେ ପ୍ରାଣ ହରି । ୩ ।
ମଥୁରା ଆସିଣ ରହି ମଧୁବନେ ରଜକ ପ୍ରାଣ ନାଶିଲ
ମାହୁନ୍ତ ହସ୍ତୀର ପରାଣ ଘେନିଣ ଧନୁକୁ ଦ୍ୱିଖଣ୍ଡ କଲ
ଘୀନ କହି ଫେରିଯାନ୍ତୁ ବେନି ଭାଇ । ୪ ।

ଦୂତର ପହଲୀ

ଦୂତ—ଫେରିଯାଅ ଗୋପପୁର ଆହେ ବଂଶୀଧର ।
ତୁମ୍ଭ ଆସିବାର ବୃଥା ହୋଇଗଲ
ଆଜ୍ଞା ନାହିଁ ରାଜାଙ୍କର । ୧ ।

Source: SC Panda, Digitized by PPRACHIN, SOA

କାହିଁକି ଆସିଲ ହୀନମାନ ହେଲ
ତୁମ୍ଭ ମାମୁଁ ବୋଲେ ଫେର ।୨।
ରଜକ ମାହୁନ୍ତ ପ୍ରାଣେ କଲ୍ ହତ
ଟିକେ ନ କଲ ବିଗ୍ଭର । ୩ ।
ରାଜାର ଭଣଜା ହୋଇଲ ଅବୁଝା
ଧାନ ବୋଲେ ଏ କେଉଁ ବିଗ୍ଭର । ୪ ।

ରାମକୃଷ୍ଣଙ୍କର ଗୀତ

(ରଘୁରାଜନ ଅଯୋଧ୍ୟା ଗୁଡ଼ଣ ଚଳଲେ—ବୃତ୍ତେ)

ଦୁଇଭାଇ—କେଉଁ ଦୋଷ ଦେଖି ମାମୁଁ ଫେରାଇ ଦେଉଛ ।
ଅକ୍ରୂରକୁ ପଠାଇଣ ଡକାଇ ଆଣିନ୍ତ ।
ଭଉଣୀର ସୁତ ବୋଲି ମନେ ଦୟା ନାହିଁ ।
ଅନେକ ଭର୍ତ୍ସନା ବାକ୍ୟ କହ କାହିଁପାଇଁ ।୨।
ଆଠବର୍ଷ ହେଲ୍ ମୁହିଁ ଗୋପରେ ବଢ଼ିଲି ।
ପିତା ମାତା ମାଇଁ ଅଜା ମୁଖ ନ ଦେଖିଲି ।୩।
ତାହାଙ୍କୁ ଦେଖିବାପାଇଁ ଶ୍ରଦ୍ଧା ଅଛି ମୋର ।
ଫେରିଯାଅ ବୋଲି ମୋତେ ନ କର ଧିକାର ।୪।
ବରଷେ ରହିବା ପାଇଁ ଆଶା ଅଛି ମୋର ।
ଧାନ ବୋଲେ ତୁମ୍ଭ ପାଦେ କୋଟି ନମସ୍କାର ।୫।

କଂସ, ଚାଣୁର, ମୁଷ୍ଟିକ, କୃଷ୍ଣ ଓ ବଳରାମଙ୍କ କଥା

କଂସ—ରେ ଚାଣୁର ମୁଷ୍ଟିକ ! ତୁମ୍ଭେମାନେ ଶୁଣ ମୋର ଭାଷ ।
ଗଉଡ଼ ଟୋକାଙ୍କୁ ଯାଇ କରରେ ବିନାଶ ।
ଚାଣୁର ମୁଷ୍ଟିକ—ଯେ ଆଜ୍ଞା ।

Source: SC Panda, Digitized by PPRACHIN, SOA

ମୁଷ୍ଟିକ—ଆସ ଆସ ଗଉଡ଼ରେ କର ମଲ୍ଲ ରଙ୍ଗ ।
କୃଷ୍ଣ—ଆମ୍ଭେ ବାଳ ବୟି ଜାଣୁ ନାହିଁ ମଲ୍ଲରଙ୍ଗ ।
ଚାଣୁର—ରଜକ ମାହୁନ୍ତ ହସ୍ତୀ ବଧିଲୁ ଗୋପାଳ ।
ରାମ—କାଳ ପୂରିବାରୁ ସେହୁ ଗଲେ ଯମଆଳ ।
ମୁଷ୍ଟିକ—ତୁମ୍ଭେ ଆଜ ଯମପୁରେ ଯିବ ବେନିଭାଇ ।
କୃଷ୍ଣ—ଆମ୍ଭେ ଗଉଡ଼ ମାଉଁଆ ତୁମ୍ଭର ରକ୍ଷା ନାହିଁ ।
ଚାଣୁର—ଲବଣୀ ଖାଇଲା ପରି ନୁହେଁ ରଣ ସ୍ଥଳ ।
ରାମ—କେତେ କେତେ ମଲ୍ଲ ମଲେ ହୋଇ କଲବଲ ।
ମୁଷ୍ଟିକ—ତୁମ୍ଭର ଶରୀର ମୁଷ୍ଟାଘାତେ ମୁଁ ଚୂରିବ ।
କୃଷ୍ଣ—ହୁଅ ଅଗ୍ରସର ଯମପୁରେ ପଠାଇବ ।

(ଉଭୟଙ୍କ ଯୁଦ୍ଧମଲ୍ଲଙ୍କର ପତନ)

ଶୂନ୍ୟବାଣୀ—ରାମକୃଷ୍ଣଙ୍କର ଜୟ ।

(ସମସ୍ତେ ପ୍ରସ୍ଥାନ)

ଦେବକୀର ଗୀତ

(ରାମ ମୋର ବନେ ଗଲାରେ—ବୃତ୍ତେ)

ଦେବକୀ—ଗୁଡ଼ ସୁତେ କେଣେ ଗଲାରେ
ଅଭାଗିମାଙ୍କ ନ ନେଲ ରେ ପୋଏ ଅଭାଗିମାଙ୍କ
ନ ନେଲ ସଙ୍ଗରେ··(ଘୋଷା)
ଯେତେବେଳେ ହୁଅ ଜନମ ରେ··ହୁଅ ଜନମ ।
ଦେଖେଁ ତୁମ୍ଭ ଚନ୍ଦ୍ରବଦନ ରେ··ରକ୍ଷୁଣି ଧନ ।
କ୍ଷଣେ ମୁଁ ପାମରୀ··ନ ପାରଇ ଧରି ରେ ।
କଂସ ମାରେ··ଦର୍ପଣ ଶିଳେ ।

Source: SC Panda, Digitized by PPRACHIN, SOA

ମୁହିଁ ବଡ଼ ଦୁର୍ଭାଗୀ ନାରୀରେ··ଦୁର୍ଭାଗୀ ନାରୀ
ଧାତା ମୋର ହେଲା ଭଗାରିରେ··ଦୁଃଖି ସଙ୍ଗାରୀ
ଅନଳରେ ପଶନ୍ତି ଭାବୁଛି ମୋ ମନରେ ।
କଂସ ରଖିଛି ବଡ଼ ଆକଟରେ । ୨ ।
ରାମ କୃଷ୍ଣ ଜନମ ହୋଇରେ··ଜନମ ହୋଇ
ଗୋପ ପୁରେ ରହିଲେ ସେ ଯାଇ ରେ··ସେ ବେନିଭାଇ
ଦେଖି ତାଙ୍କ ମୁଖ ପାଶୋରନ୍ତି ଦୁଃଖ ରେ ।
ଧନ ବୋଲେ ମୁଁ ରହିଛି ବନ୍ଧରେ । ୩ ।

ବସୁଦେବଙ୍କ ଗୀତ

(କେଉଁଣେ ଗଲା ପ୍ରାଣପ୍ରିୟା ମୋର ରେ, ପକ୍ଷିବର—ବୃନ୍ଦେ)

ବସୁଦେବ—ଶୁଣ ଶୁଣ ମୋହର ବଚନରେ ପ୍ରାଣଧନ ।
ରୋଦନ କରି ଦେହକୁ ନ କର ତୁ କ୍ଷୀଣରେ ପ୍ରାଣଧନ ।୧।
କେତେ ତପସ୍ୟାର ବଳେ ଜାତ ଏ ମହୀମଣ୍ଡଳେ ।
ଆମ୍ଭ ଭାଗ୍ୟେ ଧାତା ଲେଖିଥିଲା ଏ କଷଣରେ ପ୍ରାଣଧନ ।୨।
କି କରିବ ରାଜା କଂସ ଛଅ ପୁତ୍ର କଲା ନାଶ ।
ଭାଗ୍ୟେ ଗୋପରେ ରହିଲେ କାହ୍ନୁ ସଙ୍କର୍ଷଣରେ ପ୍ରାଣଧନ ।୩।
କେବେହେଲେ ତାଙ୍କ ମୁଖ ଦେଖି ପାଶୋରିବା ଦୁଃଖ ।
ସନ୍ତାପ ତେଜ ମନରୁ ରହ ଆନନ୍ଦେଣ ରେ ପ୍ରାଣଧନ ।୪।
କେ କାହା ପୁତ୍ର ବନିତା କେ କାହାର ପିତାମାତା ।
ବୃକ୍ଷ ଗୁମ୍ଫା ପରି ଏହି ସଂସାର ବନ୍ଧନରେ ପ୍ରାଣଧନ ।୫।
ଦୁଃଖ ସୁଖ ଚକ୍ରପରି ବୁଲଇ ଦିବା ଶର୍ବରୀ ।
ଧନ ବୋଲେ ଫେଡ଼ିବେ ବନ୍ଧନ ରେ ପ୍ରାଣଧନ ।୬।

Source: SC Panda, Digitized by PPRACHIN, SOA

କଂସର ଗୀତ

(ଅର୍ଜୁନ ବୋଇଲା କାଞ୍ଚନ ରଥାରେ—ବୃତ୍ତେ)

କଂସ—ଦେବକୀ ବେଦନ ଶୁଣିଣ ରାଜନ କୋପେ ହୁଏ ଥରହର
ପୁତ୍ର ଜନ୍ମ କରି ବିଜୁଳି କନ୍ୟାକୁ ସମର୍ପିଲୁ ମୋ ହସ୍ତର ।
ରେ ଦେବକୀ, ଗୋଟେ ଗ୍ରୁଡ଼ି କହ୍ନାଇକି । ୧ ।
ପୁତ୍ର ଜନ୍ମ ହେବା ମାତ୍ରେ ବସୁଦେବ ଗୋପରେ ନେଇ ଗ୍ରୁଡ଼ିଲା
ବିଜୁଳି କନ୍ୟାକୁ ପାଲଟାଇ ଆଣି ମୋ ହସ୍ତରେ ସମର୍ପିଲା ।
ଲୋ ଭଗିନୀ, ନ ପାରିଲି ମୁହିଁ ଜାଣି । ୨ ।
ଜନ୍ମ ହେବା ମାତ୍ରେ ପୁତ୍ର ଦେବା ପାଇଁ କିବାର ସତ୍ୟ କରିଲୁ
ଗୋଟେ ପୁତ୍ର ରଖି ମହାଶଙ୍କଟରେ ଏବେ ମୋତେ ପକାଇଲୁ
ରେ ଦେବକୀ, ଛେଦିବି ତୁମ୍ଭ ଦୁହିଁଙ୍କି । ୩ ।
ତେବେ ମନସ୍କାମ ପୂର୍ଣ୍ଣ ମୋ ହୋଇବ ଇଷ୍ଟ ସୁମରଣା କର
ତୋ ପୁତ୍ର କହ୍ନାଇ ରକ୍ଷା ନ କରିବ ଜୀବନ ନେବି ତୋର ।
ଘେନ କହି, ତୁମ୍ଭ ଆଉ ରକ୍ଷା ନାହିଁ । ୪ ।

ଦେବକୀର ଗୀତ

(ବାଲ୍ମିକ ଆଶ୍ରମ ସୀତା କରନ୍ତି ବେଦନ—ବୃତ୍ତେ)

ଦେବକୀ—ଭାଇ କଂସ ମୁଁ ତୋର କେଉଁ ଦୋଷ କଲିରେ ।
ଜନ୍ମକରି ଷଡ଼ପୁତ୍ର ତୋର ହସ୍ତେ ଦେଲି ରେ । ୧ ।
ରାଜାର ଦୁହିତା ହୋଇ ଏ କଷ୍ଟ ଭୋଗିଲି ରେ ।
ତୋହ ପରି ଭାଇ ଥାଉଁ ବନ୍ଦୀରେ ରହିଲିରେ । ୨ ।
ମୋହ ପରି ଅଭାଗିନୀ ଏ ସଂସାରେ ନାହିଁରେ ।
ବନ୍ଦୀଶାଳେ ପଡ଼ି ଚନ୍ଦ୍ର ସୂର୍ଯ୍ୟ ନ ଦେଖଇଁରେ । ୩ ।

Source: SC Panda, Digitized by PPRACHIN, SOA

ଲୁହାର ଶିକୁଳି ହସ୍ତ ପାଦରେ ଲଗିଲାରେ ।
ତୋର ଦୋଷ ନାହିଁ ବିଧି ଏହା ଲେଖି ଥିଲା ରେ । ୪ ।
ଧାନବନ୍ଧୁ ବୋଲେ ବିନା ଦୋଷରେ ନ ମାର ରେ ।
ଧର୍ମ ଅଧର୍ମକୁ ଟିକେ ବିଚାର ତୁ କର ରେ । ୫ ।

କଂସର କଥା

କଂସ—ତୋ ବେଦନ ଶୁଣି ମନ ଶାନ୍ତି ହୁଏ ମୋର
ଦୟାକରି ଛାଡ଼ିଦେଲି ଯାଅ ବନ୍ଦୀଘର ।
ରେ ଦ୍ୱାରପାଳ,
ସାବଧାନ ଜଗିଥିବ ଏହି ବନ୍ଦୀଘର
ଯେପରି ବନ୍ଦୀଶାଳାରୁ ନୋହିବେ ବାହାର ।
ଦ୍ୱାରପାଳ—ଯେ ଆଜ୍ଞା !

ରାମ କୃଷ୍ଣଙ୍କର ଗୀତ

(ଧନୁରେ ଧରିଣ ଯେ ଶ୍ରୀ ରଘୁନନ୍ଦନ—ବୃତ୍ତେ)

ଦୁଇଭାଇ—ମଧୁବନେ ରାମ କୃଷ୍ଣ କରନ୍ତି ବିଚାର ହେ ।
କି ଭାବନା କରୁଥିବେ ମାମୁଁ କଂସାସୁର ହେ । ୧ ।
ରାମ—ବଳରାମ ବୋଲୁଛନ୍ତି ଶୁଣରେ କହ୍ନାଇ ରେ ।
ଚାଲ ରଙ୍ଗସଭାକୁ ଯିବା ଟି ବେନି ଭାଇ ରେ । ୨ ।
ବିଳମ୍ବ ହୋଇଲେ ମାମୁଁ କୋପଭର ହେବ ରେ ।
ମଥୁରାପୁରୁ ଆମ୍ଭଙ୍କୁ ଘଉଡ଼ାଇ ଦେବେ ରେ । ୩ ।
ଦୁଇଭାଇ—ଏତେ ବୋଲି ବେନି ଭାଇ ତହୁଁ ଚଳିଗଲେ ହେ ।
ଧାନ ବୋଲେ କଂସ ରଙ୍ଗ ସଭାରେ ମିଳିଲେ ହେ । ୪ ।

Source: SC Panda, Digitized by PPRACHIN, SOA

କଂସର ଗୀତ

(ଅର୍ଜୁନ ବୋଇଲା ସ୍ତ୍ରିଣ ଜାତ ହୋଇ—ବୃତ୍ତେ)

କଂସ—ଆସିଲା କହ୍ନାଇ ଆସିଲା ମାଧୋଇ
ଏବେ ମୋ କାଳ ପୂରିଲା
କାହିଁ ଗୋପପୁର କାହିଁ ମଧୁପୁର
ବହି ଏହା ପାଞ୍ଚଥିଲା ରେ ଶଙ୍କରା
ଏହି ସେ ପୂତନା ମରା । ୧ ।
ଗୋମନ୍ତ ଋଷିର ଶାପ ଡରେ ମୁହିଁ
ଗୋପପୁରକୁ ନ ଗଲି ।
ପୁତନା, ଶକଟା ତୃଣା, ଅର୍ଘା, ବକା
ଗୋପକୁ ପଠାଇଥିଲି, ରେ ଶଙ୍କରା ।
ସର୍ବେ ହେଲେ ପ୍ରାଣହରା । ୨ ।
ନାରଦ ଋଷିର ବଚନ ମାନିଣ
ଧନୁ ଉତ୍ସବ ମୁଁ କଲି ।
ଅକ୍ରୂରର ହସ୍ତେ ରଥ ପଠାଇଣ
ବେନି ଭାଇଙ୍କୁ ଆଣିଲି ରେ ଦୁଆରୀ ।
ଦିଶେ ମୋତେ ଅନ୍ଧକାର । ୩ ।
ରାମ କୃଷ୍ଣ ବେନି ଭାଇଙ୍କୁ ଦେଖିଣ
କଂସ ଚକିତ ହୋଇଲା ।
ଦୀନବନ୍ଧୁ କହି କୃଷ୍ଣ ପାଦ ଧ୍ୟାଇ
ଜଗତି ପରେ ପଡ଼ିଲା, ରେ ଉଗର ।
ଜୀବନ ଗଲା ତାହାର । ୪ ।

(କଂସ ଓ ଦୂତର ପ୍ରସ୍ଥାନ)

Source: SC Panda, Digitized by PPRACHIN, SOA

ରାମ କୃଷ୍ଣଙ୍କର କଥା

ରାମ—ଭାଇ କୃଷ୍ଣ !
ପିତା ମାତା ପାଶେ ଚାଲ ଯିବା ବେନି ଭାଇ
କଂସର ବନ୍ଦୀଘରେ ଅଛନ୍ତି ସେ ରହି ।
ଗୋପରେ ମୁଁ ଶୁଣିଥିଲି ଏହା
ତାଙ୍କୁ ନ ଦେଖିବା ଯାଏ ଶୁଖିଯାଏ ହିଆ ।

କୃଷ୍ଣ—ଜ୍ୟେଷ୍ଠଭ୍ରାତ !
ତୁମ୍ଭ ବାକ୍ୟ ଯଥାର୍ଥ ଅଟଇ
ଜନ୍ମ ଦିନୁ ପିତା ମାତା ନେତ୍ରେ ଦେଖି ନାହିଁ ।
ଆଜ ବଡ଼ ସୌଭାଗ୍ୟ ଦିବସ
ପିତା ମାତା ନେତ୍ରେ ଦେଖି ହୋଇବା ହରଷ
ଚାଲ ଯିବା ପିତା ମାତା ପାଶେ ।

ରାମ କୃଷ୍ଣଙ୍କର ଗୀତ

(ଦ୍ୱାରକା ପୁରେ ରହିଲେ ପ୍ରଭୁ ନାରାୟଣ—ବୃତ୍ତେ)

ଦୁଇଭାଇ—କଂସକୁ ମାରିଣ ବେନି ଭାଇ ଚାଲିଗଲେ ।
ଦ୍ୱାର ଫେଇ ହେ, ଭିତରକୁ ଗଲେ ବେନିଭାଇ । ୧ ।
ଭିତରେ ଦେଖିଲେ ପିତା ମାତା ଛନ୍ତି ପଡ଼ି
ହସ୍ତ ପାଦରେ ପଡ଼ିଛି ଲୁହାର ଶିକୁଳି
ଜ୍ଞାନ ନାହିଁ ହେ, ପଡ଼ିଛନ୍ତି ଅଚେତନ ହୋଇ । ୨ ।
ପିତା ମାତାଙ୍କ ବନ୍ଧନ ଫେଡ଼ି ବେନି ଭାଇ
ସଚେତ କରି ତାହାଙ୍କୁ ବସାଇଣ ଦେଇ
ଯୋଡ଼ି କର ହେ, ବେନି ଭାଇ କଲେ ନମସ୍କାର । ୩ ।

Source: SC Panda, Digitized by PPRACHIN, SOA

ଗୋପେ ଥାଇ ତୁମ୍ଭର ଏ ଦୁର୍ଦ୍ଦଶା ଶୁଣିଲୁ
ଆସିବୁ ବୋଲି ପାଞ୍ଚିଣ ଆସି ନ ପାରିଲୁ
କ୍ଷମା କର ଗୋ, ଆମ୍ଭେ ଦୁହେଁ ତୁମ୍ଭର କୁମର । ୪ ।
ଦୈବ ଯୋଗେ ମାମୁଁ କଂସ ଧନୁ ଯାତ୍ରା କଲା
ରଥ ପଠାଇ ଆମ୍ଭଙ୍କୁ ମଥୁରା ଆଣିଲା
ଚଳ ପଡ଼ ଗୋ, ମୋତେ ଦେଖି ପ୍ରାଣଗଲା ଗୁଡ଼ । ୫ ।
କୃଷ୍ଣ ବଳରାମ ନାମ ଆମ୍ଭ ଦୁହିଙ୍କର
ଆମ୍ଭଙ୍କୁ ଦେଖିଣ ଶୋକ ସନ୍ତାପକୁ ହର
ଧ୍ୟାନ କହ ଗୋ, ଆମ୍ଭେ ତୋର ପୁତ୍ର ଦୁଇଭାଇ । ୬ ।

ଦେବକୀ ବସୁଦେବଙ୍କର ଗୀତ

(ରାଧିକା ବୋଇଲା ଶୁଣରେ କହ୍ନାଇ—ବୃତ୍ତେ)

ଦେବକୀ—ରାମ କୃଷ୍ଣ ଗୀର ଦେବକୀ ଶୁଣିଣ
ମନେ ଥନ ଥନ ହୋଇ ।
ବୋଲନ୍ତି କହ୍ନାଇ କେତେ ତପସ୍ୟାରେ
ତୁମ୍ଭଙ୍କୁ ପାଇଛୁ ମୁହିଁ । ୧ ।
ଏଯେ ବୋଲି ସେହି କଂସର ଭଗିନୀ
କୃଷ୍ଣଙ୍କୁ କାଖେ ଧଇଲେ ।
ବସୁଦେବ—ବସୁଦେବ ଯାଇ ରାମଙ୍କୁ ଧରିଣ
ନିଜ ମନ୍ଦିରକୁ ଗଲେ । ୨ ।
ଦେବକୀ—ରତ୍ନ ପୀଢ଼ା ପରେ ବସାଇ ଦେଇଣ
ତହୁଁ ଦେବକୀ ଚଳିଲେ ।
ମନ୍ଦିରକୁ ଯାଇ ମିଷ୍ଟାନ୍ନ ଭୋଜନ
ଖଣ୍ଡ ଶାକର ଆଣିଲେ । ୩ ।

Source: SC Panda, Digitized by PPRACHIN, SOA

ଦେବକୀ କୃଷ୍ଣଙ୍କୁ କୋଳରେ ବସାଇ
ମିଷ୍ଟାନ୍ନ ଯେ ଖୁଆଇଲେ ।
ବସୁଦେବ—ରାମଙ୍କୁ କୋଳରେ ଘେନି ବସୁଦେବ
ଲବଣୀ ଯେ ଭୁଞ୍ଜାଇଲେ । ୪ ।
ଦୁଇଜଣ—ମିଷ୍ଟାନ୍ନ ଭୁଞ୍ଜାଇ ପିତା ମାତା ଦୁହେଁ
କ୍ଷୀର ପାନ କରାଇଲେ ।
ସେ ବେନି ଭାଇଙ୍କୁ ନେଇ ମନ୍ଦିରକୁ
ଦୋଳି ପରେ ଶୁଆଇଲେ । ୫ ।
ଦୋଳିକୁ ଝୁଲାଇ ହୁଳି ହୁଳି ଦେଇ
ପୂର୍ବ କଥା ପାସୋରିଲେ ।
କୃଷ୍ଣଙ୍କ ମଥୁରା ବିଜୟ ନାଟକ
ଶେଷ ହେଲା ଧନ ବୋଲେ । ୬ ।

—ରାମ କୃଷ୍ଣଙ୍କର ଜୟ—

ସମାପ୍ତ

ମୁଦ୍ରାକର—ଶ୍ରୀ ଦୈତ୍ୟାରି ରାଉତ, ଉଦୟ ପ୍ରେସ, କଟକ-୮

Source: SC Panda, Digitized by PPRACHIN, SOA